
# ସତ୍ୟବାର୍ତ୍ତା

(THE VOICE OF TRUTH)

JANUARY - FEBRAUARY

**2003**



*AN ORIYA BIMONTHLY BULLETIN PUBLISHED BY THE CHURCH OF CHRIST*

# THE VOICE OF TRUTH


**CHURCH OF CHRIST**
P.O. BOX.NO.80, KAKINADA,
A.P. - 533 001.
PH: 0884-2363722

**Vol. 8. January & Febrauary - 2003 (No. 1)**


**Published every two months
in Oriya Language for the Restoration of pure
New Testament Christianity**


Free! Free!! Free!!!

Study the Bible in the quiet of your own home. Enroll yourself in the BASIC BIBLE COURSE in Oriya language. Complete the Course and obtain a copy of Oriya Holy Bible absolutely free! Send your address today to:

THE DIRECTOR
**BIBLE CORRESPONDENCE COURSE**
P.O. BOX.NO.80, KAKINADA - 533 001.

# ସତ୍ୟବାଣୀ

# VOICE OF TRUTH

VOL - VIII KAKINADA JAN - FEB


## ଲଜ୍ଜାବୋଧ ନ କର

## (Don't be Ashamed)

ଅନେକ ଖ୍ରୀଷ୍ଟଙ୍କ ସୁସମାଚାର ବିଷୟରେ ଲଜ୍ଜାବୋଧ କରନ୍ତି । ସେମାନେ ସଦାପ୍ରଭୁଙ୍କ ଠାରେ ବିଶ୍ୱାସ କରନ୍ତି ଓ ତାହାଙ୍କ ଅନୁସରଣ କରନ୍ତି ବୋଲି ଅନ୍ୟମାନଙ୍କୁ ଜଣାଇବାକୁ ଇଚ୍ଛା କରନ୍ତି ନାହିଁ । ଖ୍ରୀଷ୍ଟ ଆପଣା ରକ୍ତ ଦ୍ୱାରା ମଣ୍ଡଳୀ କ୍ରୟ କରିବାକୁ ଏବଂ ସେହି ମଣ୍ଡଳୀରେ ହିଁ ପରିତ୍ରାଣ ଅଛି ବୋଲି ପ୍ରକଟ କରିବାକୁ ଲୋକେ ଲଜ୍ଜାବୋଧ କରନ୍ତି । ସତ୍ୟ ନିମନ୍ତେ ଠିଆ ହେବାକୁ ଏବଂ ଅସତ୍ୟର ପ୍ରତିରୋଧ କରିବାକୁ ଅନେକେ ପଛଘୁଞ୍ଚା ଦିଅନ୍ତି ।

କାହିଁକି ମନୁଷ୍ୟମାନେ ଅସତ୍ୟର ପ୍ରତିରୋଧ ନ କରି ନିରବ ରହନ୍ତି ? ଜଗତର ପ୍ରେମ ଓ ଜାଗତିକ ଲୋକମାନଙ୍କ ସହିତ ସହଭାଗୀତା ମନୁଷ୍ୟମାନଙ୍କୁ ଅସତ୍ୟରେ ସହମତ ରହିବାରେ ସାହାଯ୍ୟ କରିଥାଏ । ଅସତ୍ୟର ପ୍ରତିରୋଧ ନ କରି ଅନ୍ୟମାନଙ୍କ ସହିତ ଶାନ୍ତିରେ ବାସ କରିବାକୁ ସେମାନେ ଇଚ୍ଛା କରନ୍ତି । କିନ୍ତୁ ପ୍ରଥମ ଶତାବ୍ଦୀର ଖ୍ରୀଷ୍ଟିୟାନମାନେ ଖ୍ରୀଷ୍ଟଙ୍କୁ ଅସ୍ୱୀକାର କରିବା ଠାରୁ ମରଣ ଶ୍ରେୟସ୍କର ମଣୁଥିଲେ । ''ସେଥିରେ ସେମାନେ ଯେ ସେହି ନାମ ସକାଶେ ଅପମାନ ଭୋଗିବାକୁ ଯୋଗ୍ୟ ବୋଲି ଗଣିତ ହୋଇଥିଲେ, ସେଥି ନିମନ୍ତେ ସେମାନେ ଆନନ୍ଦ କରୁ କରୁ ମହାସଭାରୁ ବାହାରିଗଲେ,.........'' (ପ୍ରେରିତ ୫:୪୧)

ପ୍ରେରିତ ପାଉଲ ରୋମୀୟ ମଣ୍ଡଳୀକୁ କହନ୍ତି, ''କାରଣ ମୁଁ ସୁସମାଚାର ସମ୍ବନ୍ଧରେ ଲଜ୍ଜାବୋଧ କରେ ନାହିଁ । ଯେଣୁ ତାହା ପ୍ରତ୍ୟେକ ବିଶ୍ୱାସୀ ପକ୍ଷରେ ପରିତ୍ରାଣ ନିମନ୍ତେ ଈଶ୍ୱରଙ୍କ ଶକ୍ତି ଅଟେ । ସେଥିରେ ତ' ଈଶ୍ୱରଦତ୍ତ ଧାର୍ମିକତା ପ୍ରକାଶିତ ହେଉଅଛି, ତାହା ବିଶ୍ୱାସମୂଳକ ଓ ବିଶ୍ୱାସଜନକ ଯେପରି ଲେଖାଅଛି, ''ଧାର୍ମିକ ବିଶ୍ୱାସ ଦ୍ୱାରା ବଞ୍ଚିବ ।''

ଯେପରି ଲେଖାଅଛି, ''ଦେଖ, ଆମ୍ଭେ ସିୟୋନରେ ଗୋଟିଏ ବାଧାଜନକ ପ୍ରସ୍ତର ଓ ବିଘ୍ନଜନକ ପାଷାଣ ସ୍ଥାପନ କରୁଅଛୁ, ଆଉ, ଯେ ତାହାଙ୍କ ଠାରେ ବିଶ୍ୱାସ କରେ, ସେ ଲଜ୍ଜିତ ହେବ ନାହିଁ ।'' (ରୋମୀୟ ୯:୩୩) ''ଯେଣୁ ଶାସ୍ତ୍ର କହେ, ଯେ କେହି ତାହାଙ୍କ

ଠାରେ ବିଶ୍ୱାସ କରେ, ସେ ଲଜ୍ଜିତ ହେବ ନାହିଁ ।'' (ରୋମ ୧୦:୪) ।

ଫିଲିପ୍ ମଣ୍ଡଳୀକୁ ପାଉଲ କହନ୍ତି, ''ଏ ସମ୍ବନ୍ଧରେ ମୋହର ଏକାନ୍ତ ଆକାଂକ୍ଷା ଓ ଭରସା ଅଛି ଯେ ମୁଁ କୌଣସି ବିଷୟରେ ଲଜ୍ଜିତ ହେବି ନାହିଁ, କିନ୍ତୁ ସର୍ବଦା ଯେଉଁପରି, ଏବେ ମଧ୍ୟ ସେହିପରି ଅତି ସାହସରେ, ଜୀବନରେ ହେଉ ବା ମରଣରେ ହେଉ, ଖ୍ରୀଷ୍ଟଙ୍କୁ ମୋହର ଶରୀରରେ ମହିମାନ୍ୱିତ କରିବି ।'' (ଫିଲିପ୍ ୧:୨୦)

ପ୍ରେରିତ ପାଉଲ ତୀମଥିଙ୍କୁ କହନ୍ତି, ''ଆମ୍ଭମାନଙ୍କ ପ୍ରଭୁଙ୍କ ସମ୍ବନ୍ଧରେ ସାକ୍ଷ୍ୟ ଦେବା ବିଷୟରେ କିମ୍ବା ତାହାଙ୍କ ନିମନ୍ତେ ବନ୍ଦୀ ଯେ ମୁଁ, ମୋ ବିଷୟରେ ଲଜ୍ଜିତ ନ ହୁଅ । ବରଂ ଈଶ୍ୱରଙ୍କ ଶକ୍ତି ଅନୁସାରେ ସୁସମାଚାର ନିମନ୍ତେ ମୋ' ସହିତ କ୍ଳେଶ ସହ୍ୟ କର । ସେ ଆମ୍ଭମାନଙ୍କୁ ପରିତ୍ରାଣ କରିଅଛନ୍ତି ଓ ପବିତ୍ର ଆହ୍ୱାନରେ ଆହ୍ୱାନ କରିଅଛନ୍ତି । ଆମ୍ଭମାନଙ୍କ କାର୍ଯ୍ୟାନୁସାରେ ସେ ତାହା କରିନାହାନ୍ତି, ମାତ୍ର ତାହାଙ୍କ ନିଜ ସଂକଳ୍ପ ଓ ଅନୁଗ୍ରହ ଅନୁସାରେ କରିଅଛନ୍ତି, ସେହି ଅନୁଗ୍ରହ ଅନାଦି କାଳ ପୂର୍ବରୁ ଖ୍ରୀଷ୍ଟ ଯୀଶୁଙ୍କ ଠାରେ ଆମ୍ଭମାନଙ୍କୁ ପ୍ରଦତ୍ତ ହୋଇଥିଲା । କିନ୍ତୁ ଏବେ ଆମ୍ଭମାନଙ୍କ ତ୍ରାଣକର୍ତ୍ତା, ଖ୍ରୀଷ୍ଟଯୀଶୁଙ୍କର ଆବିର୍ଭାବ ଦ୍ୱାରା ପ୍ରକାଶିତ ହୋଇଅଛି । ସେ ମୃତ୍ୟୁକୁ ଲୋପ କରିଅଛନ୍ତି, ପୁଣି ସୁସମାଚାର ଦ୍ୱାରା ଜୀବନ ଓ ଅମରତାକୁ ଆଲୋକରେ ପ୍ରକାଶ କରିଅଛନ୍ତି ... ... ଏହି କାରଣରୁ ମଧ୍ୟ ମୁଁ ଏହିସବୁ ଦୁଃଖଭୋଗ କରୁଅଛି, ତଥାପି ମୁଁ ଲଜ୍ଜିତ ନୁହେଁ, କାରଣ ମୁଁ ଯାହାଙ୍କ ଠାରେ ବିଶ୍ୱାସ କରିଅଛି, ତାହାଙ୍କୁ ଜାଣେ, ପୁଣି ମୁଁ ତାହାଙ୍କ ହସ୍ତରେ ଯାହା ସମର୍ପଣ କରିଅଛି, ତାହା ମହାଦିନ ପର୍ଯ୍ୟନ୍ତ ସୁରକ୍ଷା କରିବାକୁ ସେ ଯେ ସମର୍ଥ ଅଟନ୍ତି, ଏହା ଦୃଢ଼ରୂପେ ବିଶ୍ୱାସ କରୁଅଛି ।'' (୨ୟ ତୀମଥି ୧:୮-୧୨)

ପ୍ରେରିତ ପାଉଲ ଯୁବକ ତୀମଥିଙ୍କୁ ଲେଖନ୍ତି, ''ସତ୍ୟ ବାକ୍ୟ ଯଥାର୍ଥରୂପେ ବ୍ୟବହାର କର, ଯେଉଁ କାର୍ଯ୍ୟକାରୀର ଲଜ୍ଜାବୋଧ କରିବା ଆବଶ୍ୟକ ନୁହେଁ, ତାହାର ପରି ଈଶ୍ୱରଙ୍କ ନିକଟରେ ଆପଣାକୁ ପରୀକ୍ଷାସିଦ୍ଧ ଦେଖାଇବାକୁ ଯତ୍ନ କର ।'' (୨ୟ ତୀମଥି ୨:୧୫) । ପରମେଶ୍ୱର ଓ ତାହାଙ୍କ ସନ୍ତାନମାନଙ୍କ ବିଷୟରେ ଏବ୍ରୀ ପୁସ୍ତକକର୍ତ୍ତା କହନ୍ତି, ''କାରଣ ଯାହାଙ୍କ ନିମନ୍ତେ ଓ ଯାହାଙ୍କ ଦ୍ୱାରା ସମସ୍ତ ସୃଷ୍ଟ, ଅନେକଙ୍କୁ ଗୌରବରେ ପ୍ରବେଶ କରାଇବାରେ ସେମାନଙ୍କ ପରିତ୍ରାଣର କର୍ତ୍ତାଙ୍କୁ ଦୁଃଖଭୋଗ ଦ୍ୱାରା ସିଦ୍ଧ କରିବା ତାହାଙ୍କର ଉପଯୁକ୍ତ ଥିଲା । ଯେଣୁ ଯେ ପବିତ୍ର କରନ୍ତି ଓ ଯେଉଁମାନେ ପବିତ୍ରୀକୃତ ହୁଅନ୍ତି, ସେମାନେ ସମସ୍ତେ ଏକ ପିତାଙ୍କର ସନ୍ତାନ, ସେଥି ନିମନ୍ତେ ସେ ସେମାନଙ୍କୁ ଭ୍ରାତା ବୋଲି କହିବାକୁ ଲଜ୍ଜିତ ନୁହନ୍ତି । ଯେପରି ସେ କହନ୍ତି, ''ମୁଁ ଆପଣା ଭ୍ରାତୃଗଣଙ୍କ ନିକଟରେ ତୁମ୍ଭ ନାମ ଘୋଷଣା କରିବି, ସମାଜ ମଧ୍ୟରେ ତୁମ୍ଭର ପ୍ରଶଂସା ଗାନ କରିବି ।'' (ଏବ୍ରୀ ୨:୧୦-୧୨) ''କିନ୍ତୁ ସେମାନେ ଗୋଟିଏ ଉତ୍କୃଷ୍ଟତର, ଅର୍ଥାତ୍ ସ୍ୱର୍ଗୀୟ ଦେଶର ଆକାଂକ୍ଷା କରୁଥିଲେ । ଏହେତୁ ଈଶ୍ୱର ସେମାନଙ୍କର ଈଶ୍ୱର ବୋଲି ଖ୍ୟାତ ହେବାକୁ ସେମାନଙ୍କ ସମ୍ବନ୍ଧରେ ଲଜ୍ଜିତ ନୁହଁନ୍ତି, କାରଣ

ସେ ସେମାନଙ୍କ ନିମନ୍ତେ ଗୋଟିଏ ନଗର ପ୍ରସ୍ତୁତ କରିଅଛନ୍ତି ।'' (ଏବ୍ରୀ ୧୧:୧୬)

ପିତରଙ୍କ ଭାଷାରେ, ''ଯେପରି ତୁମ୍ଭମାନଙ୍କ ନିନ୍ଦକମାନେ ଯେଉଁ ବିଷୟରେ ତୁମ୍ଭମାନଙ୍କ ଖ୍ରୀଷ୍ଟୀୟ ଆଚରଣର ଦୋଷାରୋପ କରନ୍ତି, ଦୁଃଖଭୋଗ କରିବା ଠାରୁ ବରଂ ଯଦି ଈଶ୍ୱରଙ୍କର ଇଚ୍ଛା ହୁଏ, ତାହାହେଲେ ସତ୍କର୍ମ ସକାଶେ ଦୁଃଖଭୋଗ କରିବା ଭଲ । ଯେଣୁ ଧାର୍ମିକ ହୋଇ ଅଧାର୍ମିକମାନଙ୍କ ନିମନ୍ତେ ପାପ ହେତୁ ଥରେ ମୃତ୍ୟୁଭୋଗ କଲେ । ସେ ଶରୀରରେ ମୃତ୍ୟୁଭୋଗ କଲେ ସତ, କିନ୍ତୁ ଆତ୍ମାରେ ଜୀବିତ ହେଲେ ।'' (୧ମ ପିତର ୩:୧୬-୧୮) ............''ଏଣୁ ତୁମ୍ଭମାନଙ୍କ ମଧ୍ୟରୁ କେହି ହତ୍ୟାକାରୀ, କି ଚୋର, କି ଦୁରାଚାରୀ, କି ଅନଧିକାର ଚର୍ଚ୍ଚାକାରୀ ହୋଇ ଦଣ୍ଡଭୋଗ ନ କରୁ, କିନ୍ତୁ କେହି ଯଦି ଖ୍ରୀଷ୍ଟିୟାନ ହେବାରୁ ଦଣ୍ଡ ଭୋଗ କରେ, ତାହାହେଲେ ସେ ଲଜ୍ଜାବୋଧ ନକରୁ, ବରଂ ଏହି ନାମ ହେତୁରୁ ଈଶ୍ୱରଙ୍କ ମହିମା କୀର୍ତ୍ତନ କରୁ ।'' (୧ମ ପିତର ୪:୧୫, ୧୬)

ଯୀଶୁଖ୍ରୀଷ୍ଟ କହିଲେ, ''ଆଉ, ଯେ କେହି ଲୋକଙ୍କ ସାକ୍ଷାତରେ ମୋତେ ସ୍ୱୀକାର କରିବ, ମୁଁ ମଧ୍ୟ ମୋହର ସ୍ୱର୍ଗସ୍ଥ ପିତାଙ୍କ ସାକ୍ଷାତରେ ତାହାକୁ ସ୍ୱୀକାର କରିବା ମାତ୍ର ଯେ କେହି ଲୋକଙ୍କ ସାକ୍ଷାତରେ ମୋତେ ଅସ୍ୱୀକାର କରିବ, ମୁଁ ମଧ୍ୟ ମୋହର ସ୍ୱର୍ଗସ୍ଥ ପିତାଙ୍କ ସାକ୍ଷାତରେ ତାହାକୁ ଅସ୍ୱୀକାର କରିବି ।'' (ମାଥିଉ ୧୦:୩୨,୩୩) ପୁନର୍ବାର ସେ କହନ୍ତି, ''ଯେଣୁ ଯେ କେହି ଏହି କାଳର ବ୍ୟଭିଚାରୀ ଓ ପାପିଷ୍ଠ ଲୋକମାନଙ୍କ ମଧ୍ୟରେ ମୋହର ଓ ମୋହର ବାକ୍ୟ ବିଷୟରେ ଲଜ୍ଜାବୋଧ କରେ, ମନୁଷ୍ୟପୁତ୍ର ଯେତେବେଳେ ପବିତ୍ର ଦୂତମାନଙ୍କ ସହିତ ଆପଣା ପିତାଙ୍କ ମହିମାରେ ଆଗମନ କରିବେ, ସେତେବେଳେ ସେ ମଧ୍ୟ ତାହା ବିଷୟରେ ଲଜ୍ଜାବୋଧ କରିବେ ।'' (ମାର୍କ ୮:୩୮)

ପ୍ରିୟ ବନ୍ଧୁ, ପରମେଶ୍ୱରଙ୍କ ସମ୍ମୁଖରେ ସ୍ଥିତି କ'ଣ ?

- ତାହାଙ୍କ ଠାରେ ଆପଣ ବିଶ୍ୱାସ କରୁଅଛନ୍ତି ନା ଅବିଶ୍ୱାସ କରୁଅଛନ୍ତି ? (ଏବ୍ରୀ ୧୧:୬, ଯୋହନ ୧୪:୧)
- ବିଶ୍ୱାସ କରି ବାପ୍ତିଜିତ ହେବାକୁ ଇଚ୍ଛା କରୁଅଛନ୍ତି ନା ମନୁଷ୍ୟର ଶିକ୍ଷା ଅନୁସରଣ କରିବାକୁ ଇଚ୍ଛା କରନ୍ତି ।
- ଆପଣ ଖ୍ରୀଷ୍ଟଙ୍କ ସ୍ଥାପିତ ମଣ୍ଡଳୀରେ ସଂଯୁକ୍ତ ହେବାକୁ ଇଚ୍ଛା କରନ୍ତି ବା ମନୁଷ୍ୟ ସ୍ଥାପିତ ମଣ୍ଡଳୀରେ ଯୋଗଦେବାକୁ ଇଚ୍ଛା କରନ୍ତି । (ମାଥିଉ ୧୬:୧୮)
- ଆପଣ ଖ୍ରୀଷ୍ଟଙ୍କ ନାମ ଧାରଣ କରିବାକୁ ଇଚ୍ଛା କରନ୍ତି କିମ୍ବା ମନୁଷ୍ୟର ନାମ ଧାରଣ କରିବାକୁ ଇଚ୍ଛା କରନ୍ତି ?

ଖ୍ରୀଷ୍ଟଙ୍କ ବାକ୍ୟ ଦ୍ୱାରା ଆମ୍ଭେମାନେ ବିଚାର ଦିନରେ ବିଚାରିତ ହେବା । ଖ୍ରୀଷ୍ଟଙ୍କ ଇଚ୍ଛା ଓ ତାହାଙ୍କ ବାକ୍ୟ ଅସ୍ୱୀକାର ନ କର । ତାହାଙ୍କ ବିଷୟରେ ଲଜ୍ଜାବୋଧ ନକର । ତାହାଙ୍କ

ଠାରେ ବିଶ୍ୱାସ କର, ତାହାଙ୍କ ବାକ୍ୟ ପାଳନ କର ତାହାଙ୍କ ନିମନ୍ତେ ଜୀବନଯାପନ କର, ତାହିଁରେ ସେ ଆପଣଙ୍କୁ ଆପଣାଇ ଅନନ୍ତ ଜୀବନ ରୂପ ଗୃହରେ ସ୍ଥାନ ଦେବେ ।

- J.C. Choate

# ଦୈନିକ ପ୍ରାର୍ଥନା
## (Daily Prayer)

ବୁଦ୍ଧିମାନ ଦାସ, ମୁନିବର ସନ୍ତୋଷଜନକ କାର୍ଯ୍ୟ ଶିକ୍ଷା କରିବାରେ ଆପଣା ବୁଦ୍ଧିମତାର ପ୍ରକାଶ କରେ । ଯୀଶୁଖ୍ରୀଷ୍ଟଙ୍କ ଦୈନିକ ପ୍ରାର୍ଥନା, ଶିଷ୍ୟମାନଙ୍କ ଜୀବନରେ ପ୍ରଭାବ ପକାଇଥିଲା । ଯୀଶୁଖ୍ରୀଷ୍ଟଙ୍କ ଜୀବନରେ ପ୍ରାର୍ଥନାର ପ୍ରଭାବ କ'ଣ ସେମାନେ ଭଲରୂପେ ଜାଣିପାରିଥିଲେ । ତେଣୁ କରି ସେମାନେ, ପ୍ରଭୁଙ୍କୁ "..........ଆମ୍ଭମାନଙ୍କୁ ପ୍ରାର୍ଥନା କରିବା ଶିଖାଅନ୍ତୁ ।" ବୋଲି ଅନୁରୋଧ କରିଥିଲେ । (ଲୂକ ୧୧:୧) । ଯୀଶୁଖ୍ରୀଷ୍ଟ ସେମାନଙ୍କ ଅନୁରୋଧାନୁଯାୟୀ ସେମାନଙ୍କୁ ପ୍ରାର୍ଥନା କରିବା ଶିଖାଇଥିଲେ । ଆମ୍ଭେମାନେ ମଧ୍ୟ ପ୍ରତିଦିନ ପରମେଶ୍ୱରଙ୍କୁ ପ୍ରାର୍ଥନା କରିବା ନିମନ୍ତେ ସେ ଶିକ୍ଷା ଦିଅନ୍ତି ।

ଯୀଶୁଖ୍ରୀଷ୍ଟ ଆପଣା ଶିଷ୍ୟମାନଙ୍କୁ ଶିକ୍ଷା ଦେଇଥିବା ପ୍ରାର୍ଥନା ଲୂକ ୧୧:୨-୧୩, ଓ ମାଥିଉ ୬:୯-୧୫ ପଦରେ ଲିଖିତ ହୋଇଅଛି । ଏହି ପ୍ରାର୍ଥନା "ପ୍ରଭୁଙ୍କ ପ୍ରାର୍ଥନା" ରୂପେ ପ୍ରଚଳିତ । କିନ୍ତୁ ପ୍ରକୃତରେ ଏହା ପ୍ରାର୍ଥନାର ନମୂନା, ଯେଉଁ ନମୂନା ପ୍ରଭୁ ଆମ୍ଭମାନଙ୍କୁ ଅନୁସରଣ କରିବାକୁ ଚାହାନ୍ତି ।

"ଆଜି ଆମ୍ଭମାନଙ୍କୁ ପ୍ରୟୋଜନୀୟ ଆହାର ଦିଅ" (ମାଥିଉ ୬:୧୧, ଲୂକ ୧୧:୩) ଅର୍ଥାତ୍ ଆମ୍ଭମାନଙ୍କ ଦୈନିକ ଆହାର, ବସ୍ତ୍ର ଓ ବସତି ନିମନ୍ତେ ପ୍ରଭୁଙ୍କ ଠାରେ ପ୍ରାର୍ଥନା କରୁ । ପିତା ପରମେଶ୍ୱର ପ୍ରାନ୍ତରରେ ଇଶ୍ରାଏଲୀୟମାନଙ୍କ ସମସ୍ତ ଆବଶ୍ୟକତା ପୂରଣ କରିଥିଲେ । ସେ ଆମ୍ଭମାନଙ୍କ ଦୈନିକ ଆବଶ୍ୟକତା ମଧ୍ୟ ପୂରଣ କରନ୍ତି (ଏଫିସୀ ୩:୨୦,୨୧) । ଇଶ୍ରାଏଲୀୟମାନେ ଈଶ୍ୱରଦତ୍ତ ଆଶୀଷରୂପ ମାନ୍ନା, ପ୍ରତିଦିନ ସଂଗ୍ରହ କରୁଥିଲେ (ଯାତ୍ରା ୧୬:୧୫-୩୦) । ଆମ୍ଭମାନଙ୍କ ଦୈନିକ ଆବଶ୍ୟକତା ନିମନ୍ତେ ପ୍ରତିଦିନ ପରମେଶ୍ୱରଙ୍କ ଠାରେ ପ୍ରାର୍ଥନା କରୁ । ଏହା ସେ ଇଚ୍ଛା କରନ୍ତି । କାରଣ ପ୍ରତ୍ୟେକ ସିଦ୍ଧ ଓ ଉତ୍ତମ ବର ଆମ୍ଭମାନଙ୍କ ସ୍ୱର୍ଗସ୍ଥ ପିତାଙ୍କ ନିକଟରୁ ଆସେ (ଯାକୁବ ୧:୧୭) ।

ପ୍ରଭୁ ଯୀଶୁ, ଆମ୍ଭମାନଙ୍କୁ ଆସନ୍ନ ଭାବେ ପ୍ରାର୍ଥନା କରିବାକୁ ଶିକ୍ଷା ଦିଅନ୍ତି । ଏହାର ଉଦାହରଣ ଆମ୍ଭେମାନେ ଲୂକ ୧୧:୫-୮ ପଦରେ ପଢ଼ିପାରୁ । ଯୀଶୁ କହିଲେ, "..........ସେ ଯଦ୍ୟପି ତାହାର ବନ୍ଧୁ ହେବାରୁ ଉଠି ନଦେବ, ତଥାପି ସେ ଥରକୁ ଥର

ମାଗିବାରୁ ସେ ଉଠି, ତାହାର ଯେତେ ପ୍ରୟୋଜନ, ତାହାକୁ ସେତେ ଦେବ।'' (ଲୂକ ୧୧:୮)

ଲୂକ ୧୮:୧-୮, ଯୀଶୁଖ୍ରୀଷ୍ଟ ଆଉ ଏକ ଉଦାହରଣ ପରେ ନିରୁତ୍ସାହିତ ନହୋଇ, ନିରନ୍ତର ପ୍ରାର୍ଥନା କରିବାକୁ ସେ ଆମ୍ଭମାନଙ୍କୁ କହନ୍ତି। ଈଶ୍ୱରଙ୍କୁ କିମ୍ବା ମନୁଷ୍ୟକୁ ଭୟ କରୁନଥିବା ଏକ ବିଚାରକର୍ତ୍ତା ନିକଟରେ ଜଣେ ବିଧବା ତାହାର ବିବାଦୀୟ ଅନ୍ୟାୟର ପ୍ରତିକାର ନିମନ୍ତେ ଥରକୁ ଥର ଯାଇ ଅନୁରୋଧ କରୁଥିଲା। ଶେଷରେ ସେହି ବିଚାରକର୍ତ୍ତା ସମ୍ମତ ହୋଇଥିଲେ, କାରଣ ବିଧବାର ଆରନ୍ତ ଅନୁରୋଧ, ତାହାଙ୍କୁ ବ୍ୟତିବ୍ୟସ୍ତ କରୁଥିଲା। ଅଧାର୍ମିକ ବିଚାରକର୍ତ୍ତା ଯଦି ବିଧବାର ପ୍ରାର୍ଥନା ଶୁଣନ୍ତି, ତେବେ ଆମ୍ଭମାନଙ୍କ ଧାର୍ମିକ ପିତା କି ଆମ୍ଭମାନଙ୍କ ପ୍ରାର୍ଥନା ଶୁଣିବେ ନାହି ? ଆମ୍ଭମାନଙ୍କ ପ୍ରାର୍ଥନା ଦ୍ୱାରା ସେ ବ୍ୟତିବ୍ୟସ୍ତ ହୋଇ ଆମ୍ଭମାନଙ୍କ ପ୍ରାର୍ଥନାର ଉତ୍ତର ଦିଅନ୍ତି ତାହା ନୁହେଁ, କିନ୍ତୁ ସେ ଆମ୍ଭମାନଙ୍କୁ ପ୍ରେମ କରୁଥିବାରୁ ଆମ୍ଭମାନଙ୍କ ପ୍ରାର୍ଥନାର ଉତ୍ତର ଦିଅନ୍ତି। ପାଉଲ କହନ୍ତି, ''ଯେ ଆପଣା ପୁତ୍ରଙ୍କୁ ସୁଦ୍ଧା ରକ୍ଷା କଲେ ନାହିଁ, ମାତ୍ର ଆମ୍ଭ ସମସ୍ତଙ୍କ ନିମନ୍ତେ ତାହାଙ୍କୁ ସମର୍ପଣ କଲେ। ସେ କିପରି ତାହାଙ୍କ ସହିତ ମଧ୍ୟ ସମସ୍ତ ବିଷୟ ଆମ୍ଭମାନଙ୍କୁ ଅନୁଗ୍ରହରେ ଦାନ ନ କରିବେ ? (ରୋମୀୟ ୮:୩୨)

ଯୀଶୁଖ୍ରୀଷ୍ଟଙ୍କ ଜୀବନରେ ପ୍ରାର୍ଥନାର ମହତ୍ତ୍ୱ କ'ଣ ଶିଷ୍ୟମାନେ ବୁଝିପାରିଥିଲେ। ଯୀଶୁଖ୍ରୀଷ୍ଟ ଆମ୍ଭମାନଙ୍କର ମଧ୍ୟ ମୁନିବ ହୋଇଥିବାରୁ ତାହାଙ୍କ ତୁଷ୍ଟଜନକ କାର୍ଯ୍ୟରେ ତାହାଙ୍କ ଅନୁକରଣ କରୁ।

## ଦୈନିକ ପ୍ରାର୍ଥନା :

ଆମ୍ଭମାନଙ୍କୁ ଦିନ ପ୍ରତିଦିନ ଖ୍ରୀଷ୍ଟିୟାନ ଜୀବନଯାପନ କରିବା ଆବଶ୍ୟକ। ଯୀଶୁ କହିଲେ, ''...........କେହି ଯେବେ ମୋହର ଅନୁଗାମୀ ହେବାକୁ ଇଚ୍ଛା କରେ, ତେବେ ସେ ଆପଣାକୁ ଅସ୍ୱୀକାର କରୁ, ପୁଣି ପ୍ରତିଦିନ କ୍ରୁଶ ଘେନି ମୋହର ଅନୁଗମନ କରୁ।'' (ଲୂକ ୯:୨୩) ଏବ୍ରୀ ପୁସ୍ତକକର୍ତ୍ତା କହନ୍ତି, ''କିନ୍ତୁ କାଳେ ପାପର ପ୍ରବଞ୍ଚନା ଦ୍ୱାରା ତୁମ୍ଭମାନଙ୍କ ମଧ୍ୟରୁ ପ୍ରତିଦିନ ପରସ୍ପରକୁ ଉତ୍ସାହ ଦିଅ।'' (ଏବ୍ରୀ ୩:୧୩) ସମୟର ସଦ୍‌ବ୍ୟବହାର କରି, ପ୍ରତିଦିନ ପ୍ରଭୁଙ୍କ ଠାରେ ପ୍ରାର୍ଥନା କରୁ।

ଯୀଶୁଖ୍ରୀଷ୍ଟ ଆମ୍ଭମାନଙ୍କ ପ୍ରକୃତ ଆଦର୍ଶ। (୧ମ ପିତର ୨:୨୧ ଅର୍ଥାତ୍ ମାର୍କ ୧:୩୫ ଓ ମାଥିଉ ୧୪:୨୩ ପଦନୁଯାୟୀ ସେ ପ୍ରତିଦିନ ପ୍ରାର୍ଥନା କରୁଥିଲେ। ''ଆଜି ଆମ୍ଭମାନଙ୍କୁ ପ୍ରୟୋଜନୀୟ ଆହର ଦିଅ।'' (ମାଥିଉ ୬:୧୧) ଏହି ବାକ୍ୟ ପ୍ରତିଦିନ ପ୍ରାର୍ଥନାର ପ୍ରାଧାନ୍ୟତା ବୁଝାଏ।'' ନିରନ୍ତର ପ୍ରାର୍ଥନା କରିବାକୁ ପ୍ରେରିତ ପାଉଲ ଖ୍ରୀଷ୍ଟିୟାନମାନଙ୍କୁ ଉତ୍ସାହ ଦିଅନ୍ତି। (୧ମ ଥେସ ୫:୧୭)। ଦିନର ପ୍ରତ୍ୟେକ ଘଣ୍ଟା, ପ୍ରତ୍ୟେକ ମିନିଟ୍‌ରେ ପ୍ରାର୍ଥନା କରିବା ଏହାର ଅର୍ଥ ନୁହେଁ। କିନ୍ତୁ ଅନ୍ୟାନ୍ୟ ଦୈନିକ କାର୍ଯ୍ୟ ସଦୃଶ୍ୟ ପ୍ରାର୍ଥନା ମଧ୍ୟ ଆମ୍ଭମାନଙ୍କ ଦୈନିକ ଜୀବନର ଭାଗ ହେଉ। ପାଉଲ ମଣ୍ଡଳୀମାନଙ୍କ ନିମନ୍ତେ ଓ ପ୍ରତ୍ୟେକ ଖ୍ରୀଷ୍ଟିୟାନମାନଙ୍କ ନିମନ୍ତେ

ପ୍ରାର୍ଥନା କରୁଥିଲେ । (ରୋମୀୟ ୧:୯, କଲସୀ ୧:୩) । ଅନେକଙ୍କ କଳ୍ପନାନୁଯାୟୀ କେବଳ ସାମୂହିକ ବା ଆରାଧନାର ପ୍ରାର୍ଥନା ମନୁଷ୍ୟ ନିମନ୍ତେ ଯଥେଷ୍ଟ ନୁହେଁ । ବ୍ୟକ୍ତିଗତ ଦୈନିକ ପ୍ରାର୍ଥନା ଆମ୍ଭମାନଙ୍କୁ ଆମ୍ଭମାନଙ୍କ ସ୍ୱର୍ଗସ୍ଥ ପିତାଙ୍କ ସହିତ ସଂଚାର୍ଥ ସୁଦୃଢ଼ କରେ ।

ଦୈନିକ ପ୍ରାର୍ଥନାର ପ୍ରାଧାନ୍ୟତା ବୁଝାଇବା ନିମନ୍ତେ ପ୍ରଭୁ ଯୀଶୁ ଦୁଇଟି ଉଦାହରଣ ଦେଇଥିଲେ । ସଦ୍ ଉଦ୍ଦେଶ୍ୟରେ ପ୍ରାର୍ଥନା କରିବାକୁ ସେ ଲୂକ ୧୮:୧-୧୪ ପଦରେ ଉଲ୍ଲେଖିତ ଉଦାହରଣରେ ଆମ୍ଭମାନଙ୍କୁ ଜଣାନ୍ତି । 'କ୍ଲାନ୍ତ ନହୋଇ ସର୍ବଦା ପ୍ରାର୍ଥନା କରିବା ଯେ କର୍ତ୍ତବ୍ୟ, ଏ ବିଷୟରେ ସେ ସେମାନଙ୍କୁ ଏକ ବିଧବାର ଦୃଷ୍ଟାନ୍ତ ଦେଇଥିଲେ । ସେହି ବିଧବା ଆପଣା ବିବାଦୀର ଅନ୍ୟାୟର ପ୍ରତିକାର କରିବା ନିମନ୍ତେ ଏକ କଠୋର ବିଚାରକର୍ତ୍ତା ନିକଟକୁ ବାରମ୍ବାର ଆସୁଥିଲେ । ସେ ସବୁବେଳେ ଆସି ତାହାଙ୍କୁ ବ୍ୟତିବ୍ୟସ୍ତ କରୁଥିବାରୁ, ବିଚାରକର୍ତ୍ତା ସେହି ବିଧବାର ଗୁହାରୀରେ ମନଯୋଗ କଲେ । ଦ୍ୱିତୀୟରେ ପ୍ରଭୁ ଆମ୍ଭମାନଙ୍କ ଫାରୁଶୀ ଓ କରଗ୍ରାହୀଙ୍କର ପ୍ରାର୍ଥନା ବିଷୟରେ କହନ୍ତି । ଫାରୁଶୀ ପରମେଶ୍ୱରଙ୍କ ଠାରେ ଭରସା ନରଖି, ଆପଣା ଧର୍ମକ୍ରିୟା ଉପରେ ଭରସା କରିଥିଲେ । ''କିନ୍ତୁ କରଗ୍ରାହୀ ଦୂରରେ ଠିଆ ହୋଇ ସ୍ୱର୍ଗଆଡ଼େ, ଉର୍ଦ୍ଧ୍ୱଦୃଷ୍ଟି କରିବାକୁ ସୁଦ୍ଧା ସାହସ କଲା ନାହିଁ,............ହେ ଈଶ୍ୱର, ମୁଁ ପାପୀ, ମୋତେ ଦୟା କର ।'' (ଲୂକ ୧୮:୧୩) ଫାରୁଶୀଙ୍କର ପ୍ରାର୍ଥନା ସଦ୍ ଉଦ୍ଦେଶ୍ୟରେ ନଥିବାରୁ ତାହା ପରମେଶ୍ୱରଙ୍କ ଅଗ୍ରାହ୍ୟ ହୋଇଥିଲା । କିନ୍ତୁ କରଗ୍ରାହୀର ନମ୍ର ପ୍ରାର୍ଥନା ପରମେଶ୍ୱର ଗ୍ରହଣ କରିଥିଲେ ।

ଭାବବାଦୀ ଦାନିୟେଲ୍ ଦୈନିକ ପ୍ରାର୍ଥନାର ଏକ ଉତ୍ତମ ଆଦର୍ଶ । ଯୁବାବସ୍ଥାରେ ସେ ବାବିଲୋନକୁ ବନ୍ଦୀରୂପେ ନୀତ ହୋଇଥିଲେ । (ଦାନିୟେଲ ୧:୩-୬) ବିଦେଶରେ ଆପଣା ପରମେଶ୍ୱରଙ୍କୁ ସେ ଭୁଲିନଥିଲେ । (୧:୧୮, ୨:୨୭-୪୯) ଦାନିୟେଲଙ୍କ ବିଶ୍ୱସ୍ତତା ଯୋଗୁଁ ବାବିଲୋନ ସାମ୍ରାଜ୍ୟ ପରବର୍ତ୍ତୀ ପାରସିକ ସାମ୍ରାଜ୍ୟରେ ଅଧକ୍ଷ ପଦରେ ନିଯୁକ୍ତ ହୋଇଥିଲେ । ଦାନିୟେଲଙ୍କୁ ଇର୍ଷା କରୁଥିବା ଶତ୍ରୁମାନେ, ରାଜାଙ୍କ ଦୃଷ୍ଟିରେ ତାହାଙ୍କୁ ବଦନାମ କରିବାର ମାର୍ଗ ଖୋଜିଲେ । ରାଜା ବ୍ୟତୀତ ଅନ୍ୟ କାହାକୁ ପ୍ରାର୍ଥନା ନ କରିବାର ନିୟମ ପ୍ରଚଳିତ ହେଲା । ଦାନିୟେଲ ଦିନକୁ ତିନିଥର ପ୍ରାର୍ଥନା କରୁଥିବା ବିଷୟ ତାହାଙ୍କ ଶତ୍ରୁମାନେ ଜାଣିଥିବାରୁ, ଏହି ନିୟମ ସ୍ଥାପନ କରିବାକୁ ସେମାନେ ରାଜାକୁ ମତାଇଲେ । ଏହି ନିୟମ ଭାଙ୍ଗିଲେ, ଦଣ୍ଡିତ ହେବେ ବୋଲି ସେ ଜାଣିଥିଲେ ସୁଦ୍ଧା ଦାନିୟେଲ ପ୍ରାର୍ଥନା କରିବାରୁ ନିବୃତ ନୋହିଲେ । ସିଂହ ଗର୍ତ୍ତରେ ନିକ୍ଷିପ୍ତ ଦାନିୟେଲଙ୍କୁ ପରମେଶ୍ୱରଙ୍କ ହସ୍ତ ଉଦ୍ଧାର କରିଥିଲା ।

ହାନ୍ନା ନାମ୍ନୀ ଜଣେ ଭାବବାଦିନୀ ମନ୍ଦିର ପରିତ୍ୟାଗ ନ କରି ଉପବାସ ଓ ନିବେଦନ ସହ ଦିବାରାତ୍ର ଉପାସନା କରୁଥିଲେ । (ଲୂକ ୨:୩୭) । ଯୀଶୁଙ୍କ ପିତାମାତା ଯେତେବେଳେ ଶିଶୁ ଯୀଶୁଙ୍କୁ ମନ୍ଦିରରେ ସୁନ୍ନତ କରିବା ସମୟରେ ତାହାଙ୍କ ଦର୍ଶନ କରିବାର ସୌଭାଗ୍ୟ ପ୍ରାପ୍ତ

ହୋଇଥିଲେ ।

କର୍ଣ୍ଣଲୀୟ ନାମକ ଜଣେ ବିଜାତୀୟ ଶତ ସେନାପତି ସର୍ବପ୍ରଥମେ ଖ୍ରୀଷ୍ଟିୟାନ ହେବାର ସୁଯୋଗ ପାଇଥିଲେ । ପରମେଶ୍ୱରଙ୍କ ବାକ୍ୟ ଶ୍ରବଣ କରିବାର ସର୍ବପ୍ରଥମେ ବିଜାତି ସେ ଥିଲେ, କାରଣ ସେ "ସପରିବାରେ ଈଶ୍ୱରଙ୍କୁ ଭୟ କରୁଥିଲେ ।" (ପ୍ରେରିତ ୧୦:୨) ପ୍ରେରିତ ପାଉଲ ସୁସମାଚାର ପ୍ରଚାର କରିବାକୁ ଫିଲିପ୍‌ଙ୍କୁ ଆସି, 'ପ୍ରାର୍ଥନା ସ୍ଥଳର ଅନୁସନ୍ଧାନ କରି ସେଠାରେ ଉପସ୍ଥିତ ହୋଇଥିଲେ ।" (ପ୍ରେରିତ ୧୬:୧୩)

ଆମ୍ଭମାନଙ୍କ ପ୍ରାର୍ଥନାର ପ୍ରତିଫଳ କ'ଣ ? ପରମେଶ୍ୱର ଆମ୍ଭମାନଙ୍କ ପ୍ରାର୍ଥନା ଶ୍ରବଣ କରନ୍ତି । (୨ ରାଜା ୧୯:୨୦, ୨୦:୫, ପ୍ରେରିତ ୧୦:୩୧) ପରମେଶ୍ୱର ଆପଣା ସନ୍ତାନମାନଙ୍କ ଗୁହାରି ଶୁଣନ୍ତି । (୧ମ ଯୋହନ ୫:୧୪,୧୫) । ଦାନିୟେଲ ଆପଣା ପ୍ରାର୍ଥନା ସମାପ୍ତ କରିବା ପୂର୍ବେ, ପରମେଶ୍ୱର ତାହାଙ୍କ ପ୍ରାର୍ଥନାର ଜବାବ ଦେଇଥିଲେ । (ଦାନିୟେଲ ୯:୨୦-୨୮)

ପରମେଶ୍ୱର ଆପଣା ବାକ୍ୟ ଦ୍ୱାରା ଆମ୍ଭମାନଙ୍କ ସହିତ କଥା କହନ୍ତି । ଆମ୍ଭମାନଙ୍କ ପ୍ରତି ଈଶ୍ୱରଙ୍କ ଇଚ୍ଛା ଜାଣିବା ନିମନ୍ତେ ଆମ୍ଭମାନଙ୍କୁ ତାହାଙ୍କ ଦତ୍ତ ବାଇବଲ ଧ୍ୟାନ କରିବା ଆବଶ୍ୟକ । (୨ ତୀମଥି ୩:୧୬,୧୭) ପ୍ରାର୍ଥନା ଦ୍ୱାରା ଆମ୍ଭେମାନେ ଈଶ୍ୱରଙ୍କ ସହିତ କଥା କହିବାକୁ ସୁଯୋଗ ପାଇଥାଉ । ଈଶ୍ୱରଙ୍କ ଇଚ୍ଛାମତ ବିଷୟ ଆମ୍ଭେମାନେ ତାହାଙ୍କ ଠାରେ ପ୍ରାର୍ଥନା କଲେ, ସେ ଆମ୍ଭମାନଙ୍କ ପ୍ରାର୍ଥନାର ପ୍ରତିଫଳ ଦିଅନ୍ତି । (ଯାକୁବ ୪:୩, ୫:୧୬) ଦୈନିକ ପ୍ରାର୍ଥନା, ଖ୍ରୀଷ୍ଟିୟାନ ଜୀବନଯାପନର ଏକ ପ୍ରଧାନ ଅଂଶ (ରୋମୀୟ ୧୨:୧,୨)

ଈଶ୍ୱରଦତ୍ତ ସମସ୍ତ ସଜ୍ଜାରେ ଆପଣା ଆପଣା ସୁସଜ୍ଜିତ" କଲେ (ଏଫିସୀ ୬:୧୦-୧୮) ଶୟତାନର ସମସ୍ତ ଚାତୁରୀ ଉପରେ ବିଜୟୀ ହୋଇପାରିବା । ପ୍ରାର୍ଥନା ମଧ୍ୟ ଶୟତାନ ବିରୁଦ୍ଧରେ ଏକ ଅସ୍ତ୍ର । ପାଉଲ କହନ୍ତି, "ସର୍ବ ପ୍ରକାର ପ୍ରାର୍ଥନା ଓ ପୁଣି ସମସ୍ତ ସାଧୁଙ୍କ ନିମନ୍ତେ ଏକାନ୍ତ ଉଦ୍ୟମ ଓ ନିବେଦନ କରିବାରେ ଜାଗି ରହି ପ୍ରାର୍ଥନାର କର ।" (ଏଫସୀ ୬:୧୮)

## ଦୈନିକ ବାକ୍ୟଧ୍ୟାନ :

ଅଲମ୍ପିକ୍ କ୍ରୀଡ଼ା ପ୍ରତିଯୋଗୀତାରେ ବିଭିନ୍ନ ଦେଶର ଖେଳାଳୀମାନେ ଭାଗ ନେଇଥାନ୍ତି । ଅନେକ ବର୍ଷର ପରିଶ୍ରମ ଓ ଅଭ୍ୟାସ ପରେ ଏହି ପ୍ରତିଯୋଗୀତାରେ ସେମାନେ ଭାଗ ନିଅନ୍ତି । ସର୍ବଚେଷ୍ଟା ନ କଲେ କ୍ରୀଡ଼ାରେ ସଫଳତା ଲାଭ କରି ପାରନ୍ତି ନାହିଁ । ୧ମ କରନ୍ଥୀ ୯:୨୫ ପଦରେ ପାଉଲ କହନ୍ତି, "ଯେ କେହି କ୍ରୀଡ଼ାରେ ପ୍ରତିଦ୍ୱନ୍ଦିତା କରେ, ସେ ବିଷୟରେ ପରିମିତଭାଗୀ ହୁଏ । ସେମାନେ କ୍ଷୟଣୀୟ ମୁକୁଟ ପାଇବା ନିମନ୍ତେ ତାହା କରନ୍ତି । ମାତ୍ର ଆମ୍ଭେମାନେ ଅକ୍ଷୟ ମୁକୁଟ ପାଇବା ନିମନ୍ତେ ତାହା କରୁ । ଈଶ୍ୱରଙ୍କ ଦତ୍ତ ଅକ୍ଷଣୀୟ ମୁକୁଟ ନିମନ୍ତେ ଖ୍ରୀଷ୍ଟିୟାନମାନେ ପ୍ରାଣପଣେ ଦୌଡ଼ି ଥାନ୍ତି । ଆଜ୍ଞାବହତା ଓ ନିଷ୍ଠାର

ଜୀବନଯାପନରେ ଆମ୍ଭେମାନେ ସେହି ମୁକୁଟ ପାଇପାରିବା ।

ପ୍ରତ୍ୟେକ ବିଷୟରେ ଆମ୍ଭେମାନେ ଈଶ୍ୱରଙ୍କର ଆଜ୍ଞାବହ ହେଉ । ଈଶ୍ୱରଙ୍କ ଆଜ୍ଞାବହ ହେବାର ଅର୍ଥ ତାହାଙ୍କ ବାକ୍ୟର ଆଜ୍ଞାବହ ହେବା । ତାହାଙ୍କ ବାକ୍ୟ ନଜାଣି, ତାହାଙ୍କ ବାକ୍ୟର କିପରି ଆଜ୍ଞାବହ ହୋଇପାରିବା ? ଏଥି ନିମନ୍ତେ ବାକ୍ୟଧାନ ଆମ୍ଭମାନଙ୍କ ଜୀବନରେ ନିତାନ୍ତ ଆବଶ୍ୟକ । ତାହାଙ୍କ ବାକ୍ୟରୁ ଶିକ୍ଷା କରି, ତାହା ପାଳନ କରୁ । ବାକ୍ୟଧାନ ଦ୍ୱାରା ଆମ୍ଭମାନଙ୍କ ଖ୍ରୀଷ୍ଟିୟ ଜୀବନ ସୁଦୃଢ଼ ହୁଏ । ଏବଂ ଅନ୍ୟମାନଙ୍କୁ ଈଶ୍ୱରଙ୍କ ବାକ୍ୟ ଶିକ୍ଷା ଦେବାକୁ ସକ୍ଷମ ହୋଇପାରୁ ।

ବାକ୍ୟଧାନ ଆମ୍ଭମାନଙ୍କ ଜୀବନର ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେବାକୁ ସାହାଯ୍ୟ କରେ । ମନୁଷ୍ୟ ଜୀବନର ପ୍ରତ୍ୟେକ ସମସ୍ୟାର ସମାଧାନ ଆମ୍ଭେମାନେ ବାଇବଲରେ ପାଇପାରୁ । ମନୁଷ୍ୟ ଜୀବନ ସମସ୍ୟାରେ ଭରା । ସମସ୍ୟାରେ ଆମ୍ଭମାନଙ୍କ ବିଶ୍ୱାସର ପରୀକ୍ଷା ହୁଏ । ଯେଉଁମାନଙ୍କ ହୃଦୟ ଈଶ୍ୱରଙ୍କ ବାକ୍ୟର ସ୍ଥାନ ଥାଏ, ସେମାନେ ସୁଖରେ ଓ ଦୁଃଖକଷ୍ଟରେ ବିଶ୍ୱସ୍ତ ରହନ୍ତି ।

ଦୈନିକ ବାକ୍ୟଧାନ ଦ୍ୱାରା ଆମ୍ଭେମାନେ, ଈଶ୍ୱରଙ୍କ ଦତ୍ତ ସମସ୍ତ ସଜ୍ଜାରେ ଆପଣା ଆପଣାକୁ ସୁସଜ୍ଜିତ କରିଥାଉ । ଏତଦ୍ୱାରା ଆମ୍ଭେମାନେ ଶୟତାନର ସମସ୍ତ ବାଣ ଦ୍ୱାରା ଆପଣାକୁ ରକ୍ଷା କରିଥାଉଁ । ଦୁର୍ଦ୍ଦିନରେ ପ୍ରତିରୋଧ କରି ସର୍ବ ବିଜୟୀ ହେବା ନିମନ୍ତେ ଈଶ୍ୱରଙ୍କ ବାକ୍ୟ ଆମ୍ଭମାନଙ୍କ ସଜ୍ଜା ଅଟେ (୧୩) ତତ୍ପରେ ପାଉଲ କହନ୍ତି, "ସତ୍ୟରୂପ କଟିବନ୍ଧନୀରେ କଟି ବାନ୍ଧି, ଧାର୍ମିକତା ରୂପ ଉରସ୍ତ୍ରାଣ ପରିଧାନ କର । ଶାନ୍ତିଦାୟକ ସୁସମାଚାର ନିମନ୍ତେ ସୁସଜ୍ଜିତ ରୂପ ପାଦୁକା ପାଦରେ ପିନ୍ଧି ଅଟଳ ହୋଇଥାଅ, ସେଥି ସଙ୍ଗେ ସଙ୍ଗେ ଯଦ୍ୱାରା ପାପାତ୍ମାର ଅଗ୍ନିବାଣ ସବୁ ନିର୍ମାଣ ନିର୍ବାଣ କରିବାକୁ ସମର୍ଥ ହୁଅ, ସେହି ବିଶ୍ୱାସରୂପ ଢାଲ ଧର । ପୁଣି, ପରିତ୍ରାଣରୂପ ଶିରସ୍ତ୍ରାଣ ପରିଧାନ କର ଓ ଆତ୍ମାଙ୍କ ଖଡ୍ଗ ଅର୍ଥାତ୍ ଈଶ୍ୱରଙ୍କ ବାକ୍ୟ ଧାରଣ କର ।" (ଏଫିସୀ ୬:୧୪-୧୭)

ସତ୍ୟବାକ୍ୟ ଧାନବିନୁ ଆମ୍ଭେମାନେ କିପରି ସତ୍ୟରୂପ କଟିବନ୍ଧନ କରିପାରିବା ? ଧାର୍ମିକତା କ'ଣ ନ ଜାଣି ଧାର୍ମିକତାର ଉରସ୍ତ୍ରାଣ କିପରି ପରିଧାନ କରିପାରିବା ? ଶାନ୍ତିଦାୟକ ସୁସମାଚାର କ'ଣ କିପରି ଜାଣିପାରିବା ? ଏହିସବୁ ଆମ୍ଭେମାନେ ବାକ୍ୟଧାନ ଦ୍ୱାରା ପ୍ରାପ୍ତ ହୋଇଥାଉ । ବିଶ୍ୱାସ ବିଷୟରେ ପାଉଲ କହନ୍ତି, "ବିଶ୍ୱାସ ଶ୍ରବଣରୁ ଜାତ ହୁଏ ଓ ଶ୍ରବଣ ଖ୍ରୀଷ୍ଟଙ୍କ ବାକ୍ୟ ଦ୍ୱାରା ହୁଏ ।" (ରୋମୀୟ ୧୦:୧୭) ଈଶ୍ୱରଙ୍କ ବାକ୍ୟ ଧାନ ବିନୁ ଈଶ୍ୱରଙ୍କ ଠାରେ ବିଶ୍ୱାସ, ଭରସା ରଖିବା ଅସମ୍ଭବ । ଖ୍ରୀଷ୍ଟଙ୍କ ଶିକ୍ଷାର ଆଜ୍ଞାବହ ନ ହୋଇ ପରିତ୍ରାଣରୂପ ଶିରସ୍ତ୍ରାଣ ପରିଧାନ କରିନପାରୁ । ତାହାଙ୍କ ଶିକ୍ଷା ଜ୍ଞାତ ହେବା ନିମନ୍ତେ ଆମ୍ଭେମାନେ ବାକ୍ୟଧାନ କରୁ । ପରମେଶ୍ୱରଙ୍କ ବାକ୍ୟ ଦ୍ୱିଧାର ଖଡ୍ଗ ତୁଲ୍ୟ (ଏବ୍ରୀ ୪:୧୨) । ବାକ୍ୟଧାନ ଦ୍ୱାରା ଏହା

କିପରି ବ୍ୟବହାର କରିପାରିବା ଜାଣିପାରୁ । ଏଥି ନିମନ୍ତେ ଦୈନିକ ବାକ୍ୟଧ୍ୟାନ ନିତାନ୍ତ ଆବଶ୍ୟକ ।

ଦୈନିକ ବାକ୍ୟଧ୍ୟାନ ଆମ୍ଭମାନଙ୍କୁ ଭ୍ରଷ୍ଟ ମାନଙ୍କ ଠାରୁ ରକ୍ଷା କରେ । ସେମାନଙ୍କ ଭ୍ରଷ୍ଟଶିକ୍ଷାର ପ୍ରତିରୋଧ କରିବା ନିମନ୍ତେ ବାକ୍ୟଧ୍ୟାନ ଦ୍ୱାରା ପ୍ରସ୍ତୁତ ହୋଇପାରୁ । ସାନ ସାନ ପିଲାମାନେ କାହାଣୀ ପଢ଼ିବାକୁ ଭଲ ପାଆନ୍ତି । କାହାଣୀ ବହି ଥରକୁ ଥର ପଢୁଥାନ୍ତି । ଯଦି ସେହି କାହାଣୀରେ କିଛି ପରିବର୍ତ୍ତନ ହୁଏ, ସେମାନେ ତତ୍‌କ୍ଷଣାତ୍ ଜାଣିପାରନ୍ତି । ଠିକ୍ ସେହି ଖ୍ରୀଷ୍ଟିୟାନମାନେ ବାଇବଲ ସହିତ ଜଡ଼ିତ ହୋଇ ରହିବା ଆବଶ୍ୟକ । ଯେପରି କି କୌଣସି ପରିବର୍ତ୍ତନ ଆମ୍ଭେମାନେ ପରିଲକ୍ଷିତ କରିପାରୁ । କାରଣ ଈଶ୍ୱରଙ୍କ ବାକ୍ୟରେ କୌଣସି ବିଷୟ ଯୋଗ ବିୟୋଗ ନ କରିବାକୁ ଆମ୍ଭେମାନେ ଆଦେଶିତ ହୋଇଅଛୁ । (ପ୍ରକାଶିତ ୨୨:୧୮,୧୯) ଭ୍ରଷ୍ଟ ଶିକ୍ଷକମାନେ ଈଶ୍ୱରଙ୍କ ବାକ୍ୟକୁ ବିକୃତ କରିବାକୁ ଚେଷ୍ଟା କରିଥାନ୍ତି । (ଗାଲାତୀ ୧:୮,୯) । ବାକ୍ୟଧ୍ୟାନ ଦ୍ୱାରା ବାକ୍ୟରେ ଅଭ୍ୟସ୍ତ ବ୍ୟକ୍ତି, ଈଶ୍ୱରଙ୍କ ପରିବର୍ତ୍ତନ, ତତ୍‌କ୍ଷଣାତ୍ ପରିଲକ୍ଷିତ କରିପାରେ ।

ବାକ୍ୟଧ୍ୟାନ ଆମ୍ଭମାନଙ୍କ ଜୀବନକୁ ସୁଦୃଢ଼ କରେ । ପରମେଶ୍ୱରଙ୍କ ନିକଟବର୍ତ୍ତୀ କରାଏ । ଶୟତାନର ପ୍ରତିବାଧା କରିବା ନିମନ୍ତେ ସାହାଯ୍ୟ କରେ । ଦୁଃଖକଷ୍ଟ ସମୟରେ ସବଳ କରେ ଏବଂ ଅନନ୍ତ ଜୀବନକୁ କଢ଼ାଇ ନିଏ । ପ୍ରତିଦିନ ବାକ୍ୟଧ୍ୟାନ କରିବା ନିମନ୍ତେ ଭୁଲନ୍ତୁ ନାହିଁ ।

## ପ୍ରତିଦିନ ପରମେଶ୍ୱରଙ୍କ ଅନ୍ୱେଷଣ କର !

''ସେହି ବେଦୀ ଉପରେ ତୁମ୍ଭେ ଏହି ବଳି ଉତ୍ସର୍ଗ କରିବ, ତୁମ୍ଭେ ନିତ୍ୟ ନିତ୍ୟ ପ୍ରତିଦିନ ଏକ ବର୍ଷୀୟ ଦୁଇ ମେଷ ଶାବକ (ଉତ୍ସର୍ଗ କରିବା)'' (ଯାତ୍ରା ୨୯:୩୮) ''ହାରୋଣ ତହିଁ ଉପରେ ସୁଗନ୍ଧି ଧୂପ ଜଳାଇବ, ସେ ପ୍ରତି ପ୍ରଭାତରେ ପ୍ରଦୀପ ପରିଷ୍କାର କରିବା ବେଳେ ସେହି ଧୂପ ଜଳାଇବ ।'' (ଯାତ୍ରା ୩୦:୭) ପୁରାତନ ନିୟମ ସମୟରେ, ଇଶ୍ରାଏଲୀୟମାନେ ପ୍ରତିଦିନ ପଶୁବଳି ଉତ୍ସର୍ଗ କରିବା ନିମନ୍ତେ ଆଜ୍ଞାପିତ ହୋଇଥିଲେ, ପ୍ରେରିତ ପାଉଲ କହନ୍ତି, ''............ପୂର୍ବକାଳରେ ଯାହା ଯାହା ଲେଖା ହୋଇଥିଲା, ସେହିସବୁ ଆମ୍ଭମାନଙ୍କ ଶିକ୍ଷା ପାଇଁ ଲେଖା ହୋଇଅଛି । (ରୋମୀୟ ୧୫:୪, ୧ମ କରିନ୍ଥୀ ୧୦:୧୧) ପରମେଶ୍ୱରଙ୍କ ଆତ୍ମିକ ଇଶ୍ରାଏଲ ଯେ ତାହାଙ୍କ ମଣ୍ଡଳୀ ଅଟେ, ମଣ୍ଡଳୀ ନିମନ୍ତେ ଏହି ସବୁ ବିଷୟ ଲିଖିତ ହୋଇଅଛି । ଆପଣା ଆପଣା ଶରୀରକୁ ସଜୀବ, ପବିତ୍ର ଓ ଈଶ୍ୱରଙ୍କ ସୁଗ୍ରାହ୍ୟ ବଳିରୂପେ ଉତ୍ସର୍ଗ କରୁ । (ରୋମୀୟ ୧୨:୧,୨) । ବିନଷ୍ଟ ହେଉଥିବା ଆତ୍ମାଗୁଡ଼ିକ ସନ୍ଧାନ କରିବା, ପରମେଶ୍ୱରଙ୍କ ଦୃଷ୍ଟିରେ ସୁଗ୍ରାହ୍ୟ ବଳି ।

ଏକ ଡକାଇତ ସଦୃଶ୍ୟ ତାହାଙ୍କୁ ଧରିବାକୁ ଆସିଥିବା ଯିହୂଦାନେତାମାନଙ୍କୁ ସେ

କହିଲେ, ''...........ମୁଁ ପ୍ରତିଦିନ ମନ୍ଦିରରେ ବସି ଶିକ୍ଷା ଦେଉଥିଲି.........'' (ମାଥିଉ ୨୬:୫୫) । ସେ ପ୍ରତିଦିନ ମନ୍ଦିରରେ ଶିକ୍ଷା ଦେବା ସମୟରେ ତାହାଙ୍କୁ ବନ୍ଦୀ କରିବା ସେମାନଙ୍କ ନିମନ୍ତେ ସୁଯୋଗ ସମୟ ଥିଲା ବୋଲି ଯୀଶୁ ସେମାନଙ୍କୁ ଏଠାରେ ମନେ ପକାଇ ଦେଇଛନ୍ତି । ଯୀଶୁଖ୍ରୀଷ୍ଟ ଯେପରି ପ୍ରତିଦିନ ଶିକ୍ଷା ଦେଉଥିଲେ, ତାହାଙ୍କ ଅନୁଚର ଯେ ଆମ୍ଭେମାନେ, ଆମ୍ଭେମାନେ ମଧ୍ୟ ପ୍ରତିଦିନ ଶିକ୍ଷା ଦେଉ । (୧ମ ପିତର ୨:୨୧)

ଖ୍ରୀଷ୍ଟିୟାନମାନେ କିପରି ପ୍ରତିଦିନ ସମବେତ ହୋଇ ଈଶ୍ୱର ଓ ଅନ୍ୟ ଖ୍ରୀଷ୍ଟିୟାନମାନଙ୍କ ସହଭାଗିତାରେ ଜୀବନଯାପନ କରୁଥିଲେ, ପ୍ରେରିତମାନଙ୍କ କାର୍ଯ୍ୟାବଳୀର ପ୍ରଥମ ଆଠ ଅଧ୍ୟାୟରେ ପଢ଼ିଥାଉ । ପ୍ରେରିତ ୨:୪୬,୪୭ ରେ ଲେଖାଯାଏ, ''ସେମାନେ ଏକ ଚିତ୍ତ ହୋଇ ପ୍ରତିଦିନ ମନ୍ଦିରରେ ସମବେତ ହୋଇ ରହୁଥିଲେ ଓ ଘରେ ଘରେ ରୋଟି ଭାଙ୍ଗି ଆନନ୍ଦରେ ଓ ସରଳ ହୃଦୟରେ ଭୋଜନପାନ କରି ଈଶ୍ୱରଙ୍କ ପ୍ରଶଂସା କରୁଥିଲେ ଏବଂ ସମସ୍ତ ଲୋକଙ୍କର ପ୍ରିୟ ପାତ୍ର ହୋଇଥିଲେ । ପୁଣି, ପ୍ରଭୁ ପରିତ୍ରାଣ ପ୍ରାପ୍ତ ହେଉଥିବା ଲୋକଙ୍କୁ ପ୍ରତିଦିନ ମଣ୍ଡଳୀ ସହିତ ସଂଯୁକ୍ତ କରିବାକୁ ଲାଗିଲେ । '' ପ୍ରେରିତ ୫:୪୨ ରେ ଲେଖାଯାଏ, ''ସେମାନେ ପ୍ରତିଦିନ ମନ୍ଦିରରେ ଓ ଘରେ ଘରେ ଶିକ୍ଷା ଦେବାରୁ ଓ ଯୀଶୁ ଯେ ଖ୍ରୀଷ୍ଟ, ଏହି ସୁସମାଚାର ପ୍ରଚାର କରିବାରୁ କ୍ଷାନ୍ତ ହେଲେ ନାହିଁ ।'' ପ୍ରେରିତ ୬:୧, ''ଏହି ସମୟରେ, ଯେତେବେଳେ ଶିଷ୍ୟମାନଙ୍କର ସଂଖ୍ୟା ବୃଦ୍ଧି ପାଉଥିଲା, ସେତେବେଳେ ଗ୍ରୀକ୍ ଭାଷାବଳୀ ଯିହୂଦୀମାନେ ଏବ୍ରୀୟମାନଙ୍କ ବିପକ୍ଷରେ ବଚସା କରିବାକୁ ଲାଗିଲେ, କାରଣ ଦୈନିକ ପରିଚର୍ଯ୍ୟାରେ ସେମାନଙ୍କର ବିଧବାମାନଙ୍କୁ ଉପେକ୍ଷା କରାଯାଉଥିଲା ।'' ପ୍ରେରିତ ୮:୧-୪ ରେ, ତାଡ଼ନା ଯୋଗୁଁ ଛିନ୍ନଭିନ୍ନ ହୋଇଥିବା ଖ୍ରୀଷ୍ଟିୟାନମାନେ ଚତୁର୍ଦ୍ଦିଗରେ ଭ୍ରମଣ କରୁ କରୁ ସୁସମାଚାର ପ୍ରଚାର କରୁଥିଲେ ବୋଲି ପଢ଼ିପାରୁ । ପ୍ରଥମ ଶତାବ୍ଦୀର ଖ୍ରୀଷ୍ଟିୟାନମାନେ ପ୍ରତିଦିନ ପ୍ରଭୁଙ୍କୁ ଅନୁସରଣ କରୁଥିଲେ ବୋଲି ଉପରୋକ୍ତ ପଦଗୁଡ଼ିକ ସ୍ପଷ୍ଟ କରେ ।

ଆଜିର ଖ୍ରୀଷ୍ଟିୟାନମାନେ, ପ୍ରତିଦିନ ପ୍ରଭୁଙ୍କ ଅନୁସରଣ ନ କରିବାର ଅନେକ ବାହାନା ଦର୍ଶାନ୍ତି । ଜୀବନ ନିର୍ବାହର କାର୍ଯ୍ୟରେ ଅନେକ ବ୍ୟସ୍ତ ରହନ୍ତି । ଏହା ସତ୍ୟ ଯେ, ଈଶ୍ୱର ଆମ୍ଭମାନଙ୍କୁ ମୁଖର ଝାଳ ଦ୍ୱାରା ଆହାର ସଂଗ୍ରହ କରିବାକୁ ଆଜ୍ଞା ଦେଇଥିଲେ । (ଆଦି ୨:୧୫, ୩:୧୯) ଏବଂ ପରିଶ୍ରମ କରି ଦୁର୍ବଳମାନଙ୍କୁ ସାହାଯ୍ୟ କରିବାକୁ ପାଉଲ ଆମ୍ଭମାନଙ୍କୁ ଉତ୍ସାହିତ କରନ୍ତି । (ପ୍ରେରିତ ୨୦:୩୫) । ''........ଅଭାବଗ୍ରସ୍ତ ଲୋକଙ୍କୁ ଦାନ କରିବା ନିମନ୍ତେ ଯେପରି ତାହା ପାଖରେ କିଛି ଥାଇପାରେ, ଏଥି ନିମନ୍ତେ ନିଜ ହାତରେ ଉତ୍ତମ କାର୍ଯ୍ୟ କରି ପରିଶ୍ରମ କରୁ ।'' (ଏଫିସୀ ୪:୨୮)

ଉତ୍ତମ କାର୍ଯ୍ୟ ନିମନ୍ତେ କେହି, ଅଳସୁଆ ଲୋକଙ୍କୁ ନିଯୁକ୍ତ କରେ ନାହିଁ । ଆପଣା

ଆପଣା କାର୍ଯ୍ୟରେ ବ୍ୟସ୍ତ ଥିବା ମତ୍ସ୍ୟଜୀବୀମାନଙ୍କୁ ପ୍ରଭୁ ଯୀଶୁ ତାହାଙ୍କ ପ୍ରେରିତ ରୂପେ କାର୍ଯ୍ୟ କରିବାକୁ ଆହ୍ୱାନ କରିଥିଲେ । ପିତର ଓ ଆନ୍ଦ୍ରିୟ ସମୁଦ୍ରରେ ମାଛ ଧରୁଥିବା ସମୟରେ ଏବଂ ମାଥିଉଙ୍କୁ କର ସଂଗ୍ରହ କରିବା ସମୟରେ, ତାହାଙ୍କ ଶିଷ୍ୟ ନିମନ୍ତେ ଆହ୍ୱାନ ଜଣାଇଥିଲେ । (ମାଥିଉ ୪:୧୮,୧୯, ମାର୍କ ୨:୪) ଆମ୍ଭମାନଙ୍କ ଜୀବିକା ନିର୍ବାହା କାର୍ଯ୍ୟରେ ଲିପ୍ତ ରହି ମଧ୍ୟ ଆମ୍ଭେମାନେ ପ୍ରତିଦିନ ପ୍ରଭୁଙ୍କ ଅନ୍ୱେଷଣ କରିପାରିବା । ବିନାଶ ପାଉଥିବା ଆରମ୍ଭମାନଙ୍କ ସହକାର୍ଯ୍ୟକାରୀମାନଙ୍କ ସହିତ ଆମ୍ଭେମାନେ ଖେଳ, ରାଜନୀତି, ପାପ ଓ ଅନ୍ୟାନ୍ୟ ବିଷୟରେ ଚର୍ଚ୍ଚା କରିଥାଉ । ଆପଣ କି ସେମାନଙ୍କୁ ଆପଣଙ୍କ ପରମେଶ୍ୱରଙ୍କ ବିଷୟରେ କହିଅଛନ୍ତି ? ସେମାନଙ୍କ ନିକଟରେ ସୁସମାଚାର ପ୍ରଚାର କରିବା ଆମ୍ଭମାନଙ୍କ ଦାୟିତ୍ୱ ଅଟେ । ଆଜି ସେମାନଙ୍କୁ ସୁସମାଚାରର ପତ୍ରିକା ଦେଇ ସେମାନଙ୍କ ନିକଟରେ ସୁସମାଚାର ପ୍ରଚାର କରନ୍ତୁ !

ବିନାଶ ହେଉଥିବା ଆତ୍ମାଗୁଡ଼ିକୁ ଆମ୍ଭେମାନେ ପ୍ରତିଦିନ ଅନ୍ୱେଷଣ କଲେ, ପ୍ରତିଦିନ ପ୍ରଭୁଙ୍କ ନିମନ୍ତେ ଆମ୍ଭେମାନେ ଆତ୍ମା ଲାଭ କରିପାରିବୁ । (ପ୍ରେରିତ ୨:୪, ୫:୧୪) ପରମେଶ୍ୱରଙ୍କ ବାକ୍ୟ ବିସ୍ତାରିତ ହେଲେ, ଖ୍ରୀଷ୍ଟିୟାନମାନଙ୍କ ସଂଖ୍ୟା ବୃଦ୍ଧି ପାଇବ । (ପ୍ରେରିତ ୬:୧୭, ୧୨:୨୪)

"ଆମ୍ଭମାନଙ୍କ ପ୍ରଭୁ ଓ ତ୍ରାଣକର୍ତ୍ତା ଯୀଶୁଖ୍ରୀଷ୍ଟଙ୍କ ଅନୁଗ୍ରହ ଓ ଜ୍ଞାନରେ ବୃଦ୍ଧି" ପାଇବା ନିମନ୍ତେ (୨ ପିତର ୩:୧୮), ଆମ୍ଭମାନଙ୍କୁ ପ୍ରତିଦିନ ବାକ୍ୟଧ୍ୟାନ କରିବା ଆବଶ୍ୟକ । (୨ ପିତର ୩:୧୮) । ଆମ୍ଭେମାନେ ଶିକ୍ଷା କରିଥିବା ବିଷୟଗୁଡ଼ିକ ଅନ୍ୟମାନଙ୍କୁ ଶିକ୍ଷା ଦେଉ । ବିଶ୍ୱାସରେ ପ୍ରତିଦିନ ଖ୍ରୀଷ୍ଟଙ୍କ ନିମନ୍ତେ ଜୀବନଯାପନ କରୁ । ବିନାଶ ପାଉଥିବା ଆତ୍ମାଗୁଡ଼ିକୁ ସୁସମାଚାରର ଶିକ୍ଷା ଦେବା ନିମନ୍ତେ ସୁଯୋଗ ଅନ୍ୱେଷଣ କରୁ ! ଏପରି କଲେ, ଆମ୍ଭେମାନେ ଆପଣା ଆପଣା କ୍ରୁଶ ଘେନି ପ୍ରତିଦିନ ତାହାଙ୍କ ଅନୁଗମନ କରିପାରିବା ।

**- Truth for the World**

## ମାଗ, ଖୋଜ ଓ ଦ୍ୱାରରେ ମାର
## (Ask, Seek and Knock)

"ମାଗ, ସେଥିରେ ତୁମ୍ଭମାନଙ୍କୁ ଦିଆଯିବ । ଖୋଜ, ସେଥିରେ ତୁମ୍ଭମାନଙ୍କ ନିମନ୍ତେ ଫିଟାଇ ଦିଆଯିବ । କାରଣ ଯେ କେହି ମାଗେ, ସେ ପାଏ, ଯେ ଖୋଜେ, ସେ ସନ୍ଧାନ ପାଏ, ଆଉ ଯେ ଦ୍ୱାରରେ ମାରେ, ତାହା ନିମନ୍ତେ ଫିଟାଇ ଦିଆଯାଏ ।" (ମାଥିଉ ୭:୭-୮) । ଆମ୍ଭମାନଙ୍କ ପ୍ରଭୁ ଯୀଶୁଙ୍କ ଏହି ଅମୂଲ୍ୟ ପ୍ରତିଜ୍ଞାର ଅର୍ଥ ଅନେକ ବୁଝି ନପାରି, ଭ୍ରାନ୍ତ

ହୋଇଅଛନ୍ତି । ବାକ୍ୟଧାନ ଦ୍ୱାରା ଏହି ବାକ୍ୟ ଆମ୍ଭମାନଙ୍କୁ ଆହୁରି ବିଶ୍ୱାସ ଜୀବନରେ ସବଳ କରିବ । ଏହି ପ୍ରତିଜ୍ଞା ସେ ଆପଣା ଶିଷ୍ୟମାନଙ୍କୁ ପର୍ବତ ଉପରେ ଉପଦେଶ ଦେବା ସମୟରେ ଦେଇଥିଲେ । (ମାଥିଉ ୫:୧-୨) କିନ୍ତୁ ଭ୍ରଷ୍ଟ ଜଗତକୁ ଦିଆଯାଇନଥିଲା । ସେ କହିଲେ, "ମାଗ, ସେଥିରେ ତୁମ୍ଭମାନଙ୍କୁ ଦିଆଯିବ ।"

ଆମ୍ଭମାନଙ୍କ ସ୍ୱର୍ଗସ୍ଥ ପିତା, ଆମ୍ଭମାନଙ୍କ ଜାଗତିକ ପିତାମାନଙ୍କ ଠାରୁ ଅତ୍ୟାଧିକ ଭାବେ ଆଶୀର୍ବାଦ କରନ୍ତି । "ଆହୁରି ମଧ, ଆମ୍ଭମାନଙ୍କ ଶାସନକାରୀ ଆମ୍ଭମାନଙ୍କ ଶାରୀରିକ ପିତୃଗଣଙ୍କୁ କେତେ ଅଧିକ ରୂପେ ବଶୀଭୂତ ହୋଇ ଜୀବନ ପ୍ରାପ୍ତ ନ ହେବୁ ? (ଏବ୍ରୀ ୧୨:୯) । ଆମ୍ଭମାନଙ୍କ ପିତାମାତାଙ୍କ ପ୍ରେମ କି ଆମେ ମାପି ପାରିବା ?" ଏଣୁ ତୁମ୍ଭେମାନେ ଦୁଷ୍ଟ ହେଲେ ସୁଦ୍ଧା, ଯେବେ ଆପଣା ଆପଣା ପିଲାମାନଙ୍କୁ ଉତ୍ତମ ଉତ୍ତମ ବିଷୟ ନ ଦେବେ ?" (ମାଥିଉ ୭:୭-୮) ପିତା ପରମେଶ୍ୱର କେବେ ହେଁ, ଆମ୍ଭମାନଙ୍କୁ ନିରାଶ କରିବେ ନାହିଁ । ପାଉଲ କହନ୍ତି, "ଆଉ ସମସ୍ତ ବିଷୟ ସର୍ବଦା ଯଥେଷ୍ଟ ରୂପେ ପାଇ ତୁମ୍ଭେମାନେ ଯେପରି ସମସ୍ତ ଉତ୍ତମ କର୍ମ ନିମନ୍ତେ ଅଧିକରୁ ଅଧିକତର ଦାନ କରିପାର, ଏଥି ନିମନ୍ତେ ଈଶ୍ୱର ତୁମ୍ଭମାନଙ୍କୁ ସର୍ବ ପ୍ରକାର ଅନୁଗ୍ରହ ପ୍ରଚୁର ଭାବରେ ଦେବାକୁ ସମର୍ଥ ଅଟନ୍ତି ।" (୨ କରିନ୍ଥୀ ୯:୮) ସେ ଫିଲିପୀ ମଣ୍ଡଳୀକୁ କହନ୍ତି, "ମୋହର ଈଶ୍ୱର ଖ୍ରୀଷ୍ଟଯୀଶୁଙ୍କ ଠାରେ ତାହାଙ୍କର ଗୌରବମୟ ଐଶ୍ୱର୍ଯ୍ୟ ଅନୁସାରେ ତୁମ୍ଭମାନଙ୍କର ପ୍ରତ୍ୟେକ ଅଭାବ ପୂରଣ କରିବେ ।" (ଫିଲିପ୍ ୪:୧୯) ଯୀଶୁ କହିଲେ, "ପିତା ଯେପରି ପୁତ୍ରଙ୍କ ଠାରେ ମହିମାନ୍ୱିତ ହୁଅନ୍ତି, ଏଥି ନିମନ୍ତେ ତୁମ୍ଭେମାନେ ମୋ' ନାମରେ ଯାହା କିଛି ମାଗିବ, ତାହା ମୁଁ କରିବି । ଯଦି ତୁମ୍ଭେମାନେ ମୋ' ନାମରେ କୌଣସି ବିଷୟ ମୋତେ ମାଗିବ, ମୁଁ ତାହା କରିବି ।" (ଯୋହନ ୧୪:୧୩-୧୪) । ସେ ଧାର୍ମିକମାନଙ୍କ ପ୍ରାର୍ଥନା ଶ୍ରବଣ କରନ୍ତି, "ପୁଣି ଆମ୍ଭେମାନେ ଯାହା ଯାହା ମାଗୁ, ସେହି ସବୁ ତାହାଙ୍କ ଠାରୁ ପାଇଥାଉ, କାରଣ ତାହାଙ୍କର ଦୃଷ୍ଟିରେ ଯାହା ସନ୍ତୋଷଜନକ, ତାହା କରିଥାଉ ।" (୧ମ ଯୋହନ ୩:୨୨) ଈଶ୍ୱରଙ୍କ ସନ୍ତାନମାନେ ସେମାନଙ୍କ ପ୍ରାର୍ଥନା ପରମେଶ୍ୱର ଶୁଣନ୍ତି ବୋଲି ଦୃଢ଼ ବିଶ୍ୱାସ କରି ପ୍ରତିଫଳ ନିମନ୍ତେ ଅପେକ୍ଷା କରନ୍ତି ।

## ଅନେକ ପ୍ରାର୍ଥନାର ଜବାବ କାହିଁକି ନ ପାଉ ?

ପରମେଶ୍ୱରଙ୍କ ଅପାର ପ୍ରେମର ଅନେକ ପ୍ରତିଜ୍ଞା ସତ୍ତ୍ୱେ ଆମ୍ଭେମାନେ କାହିଁକି ଅନେକ ପ୍ରାର୍ଥନାର ଜବାବ ପାଇନଥାଉ ? ଅନେକ ବର୍ଷ ପୂର୍ବେ ଏହି ପ୍ରଶ୍ନର ଉତ୍ତରରେ ଯିଶାଇୟ ଭାବବାଦୀ କହିଥିଲେ, "ମାତ୍ର ତୁମ୍ଭମାନଙ୍କର ଅପରାଧସବୁ, ତୁମ୍ଭମାନଙ୍କର ଓ ତୁମ୍ଭମାନଙ୍କ ପରମେଶ୍ୱର ମଧ୍ୟରେ ବିଚ୍ଛେଦ ଘଟାଇଅଛି, ତୁମ୍ଭମାନଙ୍କର ପାପସବୁ ତୁମ୍ଭମାନଙ୍କ ଠାରୁ ତାହାଙ୍କ ମୁଖ ଲୁଚାଇଅଛି ଏଥିପାଇଁ ସେ ଶୁଣିବେ ନାହିଁ ।" (ଯିଶାଇୟ ୫୯:୨) ଏହି ବିଷୟ ଯାକୁବ ମଧ୍ୟ ଆପଣା ପତ୍ରରେ ଲେଖି ଅଛନ୍ତି, "ତୁମ୍ଭେମାନେ ମାଗି ଥାଅ, କିନ୍ତୁ ପାଇନଥାଅ, କାରଣ

ଆପଣା ଆପଣା ମୁଖାଭିଳାଷରେ ବ୍ୟୟ କରିବା ନିମନ୍ତେ ମନ୍ଦ ଅଭିପ୍ରାୟରେ ମାଗିଥାଅ ।'' (ଯାକୁବ ୪:୩) ଆମ୍ଭମାନଙ୍କ ଜାଗତିକ ଅଭିଳାଷ ତୀବ୍ର କରିବା ନିମନ୍ତେ ପରମେଶ୍ୱରଙ୍କ ନିକଟରେ ଆମ୍ଭମାନଙ୍କ ପ୍ରାର୍ଥନା, ସେ ଶୁଣନ୍ତି ନାହିଁ । ମୃତ୍ୟୁ ଭୋଗିବା ପୂର୍ବେ ଯୀଶୁଖ୍ରୀଷ୍ଟ, ''ମୋହର ଇଚ୍ଛା ନୁହେଁ, ମାତ୍ର ତୁମ୍ଭର ଇଚ୍ଛା ସଫଳ ହେଉ'' ବୋଲି ପ୍ରାର୍ଥନା କରିଥିଲେ । ଆମ୍ଭମାନଙ୍କ ପ୍ରାର୍ଥନା ମଧ୍ୟ ଯୀଶୁଖ୍ରୀଷ୍ଟଙ୍କ ଅସ୍ୱାର୍ଥର ପ୍ରାର୍ଥନାର ପ୍ରତୀବିମ୍ବ ହେଉ । ଅନେକ ପରମେଶ୍ୱରଙ୍କ ଇଚ୍ଛା ପାଳନ ନ କରି, ତାହାଙ୍କ ଠାରୁ ଆଶୀଷ ଆଶା କରନ୍ତି । ଜଣେ ଜନ୍ମାନ୍ଧ ଯୀଶୁଖ୍ରୀଷ୍ଟଙ୍କ ଦ୍ୱାରା ଦୃଷ୍ଟିପ୍ରାପ୍ତ ହେବା ପରେ ତାଡ଼ନା କରୁଥିବା ଯିହୂଦୀ ନେତାମାନଙ୍କୁ କହିଲେ, ''ଈଶ୍ୱର ଯେ ପାପୀମାନଙ୍କ କଥା ଶୁଣନ୍ତି ନାହିଁ, ଏହା ଆମ୍ଭେମାନେ ଜାଣୁ, କିନ୍ତୁ ଯଦି କେହି ଈଶ୍ୱର ଭକ୍ତ ହୋଇ ତାହାଙ୍କର ଇଚ୍ଛା ସାଧନ କରେ, ତାହାହେଲେ ସେ ତା'ର କଥା ଶୁଣନ୍ତି ।'' (ଯୋହନ ୯:୩୧) । ଯାକୁବ ଆପଣା ପତ୍ରରେ ଲେଖନ୍ତି, ''.......ଧାର୍ମିକ ବ୍ୟକ୍ତିର ପ୍ରାର୍ଥନା ଅନେକ କାର୍ଯ୍ୟସାଧନ କରିପାରେ । (୫:୧୬) । ଯେଉଁମାନେ ତାହାଙ୍କ ଇଚ୍ଛାନୁଯାୟୀ ପ୍ରାର୍ଥନା କରନ୍ତି, ପରମେଶ୍ୱର ସେମାନଙ୍କ ପ୍ରାର୍ଥନା ଶୁଣନ୍ତି । ''ଆମ୍ଭେମାନେ ଯେବେ ତାହାଙ୍କ ଇଚ୍ଛାନୁସାରେ କୌଣସି ପ୍ରାର୍ଥନା କରୁ, ତେବେ ସେ ଆମ୍ଭମାନଙ୍କର ସେହି ପ୍ରାର୍ଥନା ଶୁଣନ୍ତି, ତାହାଙ୍କ ଛାମୁରେ ଆମ୍ଭମାନଙ୍କର ଏହି ସାହସ ଅଛି । ଆଉ ଆମ୍ଭେମାନେ ତାହାଙ୍କ ନିକଟରେ ଯାହା କିଛି ପ୍ରାର୍ଥନା କରୁ, ତାହା ସେ ଶୁଣନ୍ତି ବୋଲି ଯଦି ଆମ୍ଭେମାନେ ଜାଣୁ, ତେବେ ତାହାଙ୍କ ଛାମୁରେ ଯାହା ପ୍ରାର୍ଥନା କରିଅଛୁ ସେହିସବୁ ଯେ ପାଇଅଛୁ, ଏହା ମଧ୍ୟ ଜାଣୁ ।'' (୧ମ ଯୋହନ ୫:୧୪-୧୫) । ନିରନ୍ତର ପ୍ରାର୍ଥନା କର, ଦୟାବାନ ଓ କୃପାବାନ ପରମେଶ୍ୱର ଆପଣଙ୍କ ପ୍ରାର୍ଥନାର ଜବାବ ଦେବେ ।

## ତାହାଙ୍କୁ ଖୋଜ, ପାଇପାରିବ :

ବିନଷ୍ଟ ହେଉଥିବା ମନୁଷ୍ୟମାନେ ତାହାଙ୍କ ଅନ୍ୱେଷଣ କଲେ, ତାହାଙ୍କ ସନ୍ଧାନ ପାଇପାରିବେ । ''ଯେତେବେଳେ ତୁମ୍ଭେ ସଙ୍କଟରେ ପଡ଼ିବ ଓ ଏହି ସମସ୍ତ ତୁମ୍ଭ ପରମେଶ୍ୱରଙ୍କ ପ୍ରତି ଫେରିବ ଓ ତାହାଙ୍କ ରବରେ ଅବଧାନ କରିବ । ଯେହେତୁ ସଦାପ୍ରଭୁ ତୁମ୍ଭ ପରମେଶ୍ୱର ଅଟନ୍ତି, ସେ ତୁମ୍ଭକୁ ତ୍ୟାଗ କରିବେ ନାହିଁ କି ତୁମ୍ଭକୁ ବିନଷ୍ଟ କରିବେ ନାହିଁ, କିଅବା ଶପଥ ଦ୍ୱାରା ତୁମ୍ଭ ପୂର୍ବପୁରୁଷମାନଙ୍କ ନିକଟରେ ଯେଉଁ ନିୟମ କରିଅଛନ୍ତି, ତାହା ବିସ୍ମୃତ ହେବେ ନାହିଁ ।'' (ଦ୍ୱିତୀୟ ବିବରଣ ୪:୩୦-୩୧) ଏହି ପ୍ରତିଜ୍ଞା ନୂତନ ନିୟମରେ ଏବ୍ରୀ ପୁସ୍ତକକର୍ତ୍ତା କହନ୍ତି, ''ଆଉ ବିଶ୍ୱାସ ବିନା ତାହାଙ୍କ ସନ୍ତୋଷ ପାତ୍ର ହେବା ଅସମ୍ଭବ, କାରଣ ଈଶ୍ୱର ଯେ ଅଛନ୍ତି, ଆଉ ସେ ଯେ ତାହାଙ୍କ ଅନ୍ୱେଷଣକାରୀମାନଙ୍କର ପୁରସ୍କାରଦାତା, ଏହା ତାହାଙ୍କ ଛାମୁକୁ ଆସିବା ଲୋକର ବିଶ୍ୱାସ କରିବା ଆବଶ୍ୟକ (ଏବ୍ରୀ ୧୧:୬) । ବିନାଶ ପାତ୍ର ମନୁଷ୍ୟମାନେ ଈଶ୍ୱରଙ୍କ ଅନ୍ୱେଷଣ କରିବା ଈଶ୍ୱରଙ୍କ ଇଚ୍ଛାମତ ଅଟେ । କାରଣ ମନୁଷ୍ୟମାନଙ୍କ

ବିନାଶ ତାହାଙ୍କ ସନ୍ତୋଷଜନକ ନୁହେଁ । ଅନେକ ବର୍ଷ ପୂର୍ବେ ସେ ଯିହିଜିକଲ ଭାବବାଦୀମାନଙ୍କ ଦ୍ୱାରା କହିଥିଲେ, ''ଆମ୍ଭେ ଜୀବିତ ଥିବା ପ୍ରମାଣେ, ଦୁଷ୍ଟର ମରଣରେ ଆମ୍ଭର ସନ୍ତୋଷ ନାହିଁ, ମାତ୍ର ଦୁଷ୍ଟ ଯେପରି ଫେରି ବଞ୍ଚିବ, ଏଥିରେ ହିଁ ଆମ୍ଭର ସନ୍ତୋଷ ଅଛି, ତୁମ୍ଭେମାନେ ଫେର, ଆପଣା ଆପଣା କୁପଥରୁ ଫେର, କାରଣ ହେ ଇଶ୍ରାୟେଲ ବଂଶ ତୁମ୍ଭେ କି ହେତୁ ମରିବ ?'' (ଯିହିଜିକଲ ୩୩:୧୧) । ପରମେଶ୍ୱର ଆମ୍ଭମାନଙ୍କ ନିମନ୍ତେ ଅନନ୍ତଜୀବନ ସଞ୍ଚିତ କରିଅଛନ୍ତି, ତାହା ଆମ୍ଭମାନଙ୍କୁ ଅନ୍ୱେଷଣ କଲେ ପ୍ରାପ୍ତ ହୋଇପାରିବା ।

## ତାହାଙ୍କ ରାଜ୍ୟ ଓ ଧାର୍ମିକତା ଅନ୍ୱେଷଣ କର :

ପ୍ରଭୁ ଯୀଶୁଖ୍ରୀଷ୍ଟ ପର୍ବତ ଉପଦେଶରେ କହନ୍ତି, ''ତୁମ୍ଭେମାନେ ପ୍ରଥମରେ ତାହାଙ୍କ ରାଜ୍ୟ ଓ ଧାର୍ମିକତା ଅନ୍ୱେଷଣ କର, ଆଉ ଏହି ସମସ୍ତ ବିଷୟ ମଧ୍ୟ ତୁମ୍ଭମାନଙ୍କୁ ଦିଆଯିବ । ଅତଏବ, କାଲି ପାଇଁ ଚିନ୍ତିତ ହୁଅ ନାହିଁ, କାରଣ କାଲି ନିଜେ ନିଜ ପାଇଁ ଚିନ୍ତା କରିବ । ଆଜିର କଷ୍ଟ ଆଜି ପାଇଁ ଯଥେଷ୍ଟ ।'' (ମାଥିଉ ୬:୩୩-୩୪) । ସ୍ୱର୍ଗରାଜ୍ୟରେ ପ୍ରବେଶ କରିବା ପରେ ମନୁଷ୍ୟ ଉତ୍କୃଷ୍ଟତର ବିଷୟର ଅନ୍ୱେଷଣ କରେ । ପାଉଲ କହନ୍ତି, ''କେହି ନିଜର ସ୍ୱାର୍ଥ ଚେଷ୍ଟା ନ କରୁ, ମାତ୍ର ପ୍ରତ୍ୟେକେ ଅନ୍ୟର ମଙ୍ଗଳ ଚେଷ୍ଟା କରୁ ।'' (୧ମ କରିନ୍ଥୀ ୧୦:୨୪) । ଆପଣ କ'ଣ ଅନ୍ୱେଷଣ କରୁଅଛନ୍ତି ? ପାଉଲ କହନ୍ତି, ''ତୁମ୍ଭେମାନେ ଯେବେ ଖ୍ରୀଷ୍ଟଙ୍କ ସହିତ ଉତ୍ଥାପିତ ହୋଇଅଛ, ତେବେ ଈଶ୍ୱରଙ୍କ ଦକ୍ଷିଣ ପାର୍ଶ୍ୱରେ ଉପବିଷ୍ଟ ଖ୍ରୀଷ୍ଟଙ୍କର ଯେଉଁ ବାସସ୍ଥାନ, ସେହି ଉର୍ଦ୍ଧ୍ୱସ୍ଥ ସ୍ଥାନର ବିଷୟସବୁ ଅନ୍ୱେଷଣ କଲେ ଆମ୍ଭମାନଙ୍କ ଜୀବନ ଧନ୍ୟ ହେବ । ଅବ୍ରାହମ ପ୍ରତିଜ୍ଞାତ ଦେଶ ପ୍ରାପ୍ତ ହୋଇ ନଥିଲେ, କିଅବା ଦେଖିନଥିଲେ, କିନ୍ତୁ ବିଶ୍ୱାସରେ ତହିଁର ଅପେକ୍ଷା କରିଥିଲେ । ''କାରଣ ଯେଉଁ ନଗରର ଭିତ୍ତିମୂଳ ବିଶିଷ୍ଟ, ପୁଣି ଯାହାର ଶିଳ୍ପୀ ଓ ନିର୍ମାତା ସ୍ୱୟଂ ଈଶ୍ୱର ସେ ତହିଁର ଅପେକ୍ଷାରେ ଥିଲେ ।'' (ଏବ୍ରୀ ୧୧:୧୦) ବିଶ୍ୱାସର ବୀରମାନଙ୍କ ବିଷୟରେ ଲେଖାଯାଏ,''ବିଶ୍ୱାସ ଦ୍ୱାରା ଏହି ସମସ୍ତ ସୁଖ୍ୟାତି ଲାଭ କରି ସୁଦ୍ଧା ପ୍ରତିଜ୍ଞାର ଫଳ ପ୍ରାପ୍ତ ହେଲେ ନାହିଁ । ଯେଣୁ ଈଶ୍ୱର ଆମ୍ଭମାନଙ୍କ ନିମନ୍ତେ ଉତ୍କୃଷ୍ଟତର ବିଷୟ ପ୍ରସ୍ତୁ କରି ରଖିଥିଲେ, ଯେପରି ସେମାନେ ଆମ୍ଭମାନଙ୍କ ବିନା ସିଦ୍ଧିଲାଭ ନ କରନ୍ତି ।'' (ଏବ୍ରୀ ୧୧:୩୯-୪୦) ଅବ୍ରାହମଙ୍କ ସଦୃଶ୍ୟ ଆମ୍ଭେମାନେ ପ୍ରତିଜ୍ଞାର ନଗରର ଅପେକ୍ଷାରେ ଅଛୁ । ''କାରଣ ଏଠାରେ ଆମ୍ଭମାନଙ୍କର ଚିରସ୍ଥାୟୀ ନଗର ନାହିଁ, କିନ୍ତୁ ଆମ୍ଭେମାନେ ଆଗାମୀ ନଗରର ଅନ୍ୱେଷଣ କରୁଅଛୁ ।'' (ଏବ୍ରୀ ୧୩:୧୪) । ଆମ୍ଭମାନଙ୍କ ଆଶା ଓ ଭରସା ଯୀଶୁଖ୍ରୀଷ୍ଟଙ୍କ ବାକ୍ୟରେ ଅଛି, ଯାହା କହେ,''ତୁମ୍ଭେ ମରଣ ପର୍ଯ୍ୟନ୍ତ ବିଶ୍ୱସ୍ତ ଥାଅ, ସେଥିରେ ଆମ୍ଭେ ତୁମ୍ଭକୁ ଜୀବନରୂପ ମୁକୁଟ ଦେବୁ ।'' (ପ୍ରକାଶିତ ୨:୧୦)

## ଉପଯୁକ୍ତ ସମୟରେ ତାହାଙ୍କ ଅନ୍ୱେଷଣ କରୁ :

ବହୁ ଶତାବ୍ଦୀ ପୂର୍ବେ ଯିଶାଇୟ ଭାବବାଦୀ ଆପଣା ଲୋକମାନଙ୍କୁ ପ୍ରଭୁଙ୍କ ପ୍ରତି

ଫେରିବା ନିମନ୍ତେ ଉତ୍ସାହିତ କରିଥିଲେ । ''ଯେ ପର୍ଯ୍ୟନ୍ତ ସଦାପ୍ରଭୁଙ୍କର ଉଦ୍ଦେଶ୍ୟ ମିଳୁଅଛି, ସେ ପର୍ଯ୍ୟନ୍ତ ତୁମ୍ଭେମାନେ ତାହାଙ୍କର ଅନ୍ୱେଷଣ କର, ଯେ ପର୍ଯ୍ୟନ୍ତ ସେ ନିକଟରେ ଅଛନ୍ତି, ସେ ପର୍ଯ୍ୟନ୍ତ ତାହାଙ୍କ ଠାରେ ପ୍ରାର୍ଥନା କର । ଦୁଷ୍ଟ ଆପଣାର ପଥ ଓ ଅଧାର୍ମିକ ଆପଣା ସଂକଳ୍ପରୁ ପରିତ୍ୟାଗ କରୁ, ପୁଣି ସେ ସଦାପ୍ରଭୁଙ୍କ ପ୍ରତି ଫେରୁ, ତହିଁରେ ସେ ତାହାକୁ ଦୟା କରିବେ, ଆଉ ସେ ଆମ୍ଭମାନଙ୍କର ପରମେଶ୍ୱରଙ୍କ ପ୍ରତି ଫେରୁ, କାରଣ ସେ ବହୁଳରୂପରେ କ୍ଷମା କରିବେ ।'' (ଯିଶାଇୟ ୫୫:୬-୭) ଏହି ଆହ୍ୱାନ ମୋ' ପାଇଁ ଏବଂ ଆପଣଙ୍କ ପାଇଁ ମଧ୍ୟ ! ତାହାଙ୍କ ପ୍ରତି ଫେରିବା ମନୁଷ୍ୟମାନଙ୍କୁ ସେ ଆଶୀର୍ବାଦ କରିବା ନିମନ୍ତେ, ଅପେକ୍ଷା କରୁଅଛନ୍ତି । ପାଉଲ କରନ୍ଥି ମଣ୍ଡଳୀକୁ ଲେଖନ୍ତି, ''କାରଣ ସେ କହନ୍ତି, ଆମ୍ଭେ ଅନୁଗ୍ରହର ସମୟରେ ତୁମ୍ଭର ପ୍ରାର୍ଥନା ଶ୍ରବଣ କଲୁ, ଆଉ ପରିତ୍ରାଣର ଦିନରେ ଆମ୍ଭେ ତୁମ୍ଭର ସାହାଯ୍ୟ କଲୁ । ''ଦେଖ, ଏହା ମହା ଅନୁଗ୍ରହର ସମୟ, ଦେଖ ଏବେ ପରିତ୍ରାଣର ଦିନ ।'' (୨ କରିନ୍ଥୀ ୬:୨) ଯୀଶୁଖ୍ରୀଷ୍ଟ ମଧ୍ୟ ସମୟର ସୀମାବଦ୍ଧରେ କାର୍ଯ୍ୟ କରିଥିଲେ, ''ଦିନ ଥାଉ ଥାଉ ମୋହର ପ୍ରେରଣକର୍ତ୍ତାଙ୍କ କର୍ମ କରିବା ଆମ୍ଭମାନଙ୍କର କର୍ତ୍ତବ୍ୟ । ଯେଉଁ ସମୟରେ କେହି କର୍ମ କରିପାରେ ନାହିଁ, ଏପରି ରାତ୍ର ଆସୁଅଛି ।'' (ଯୋହନ ୯:୪) କିନ୍ତୁ ଅନେକ ବିଳମ୍ବ କରି ତାହାଙ୍କ ଆଶୀଷରୁ ବଞ୍ଚିତ ହୁଅନ୍ତି, ''ସଂକୀର୍ଣ୍ଣ ଦ୍ୱାର ଦେଇ ପ୍ରବେଶ କରିବାକୁ ପ୍ରାଣପଣ କର, କାରଣ ମୁଁ ତୁମ୍ଭମାନଙ୍କୁ କହୁଅଛି, ଅନେକ ପ୍ରବେଶ କରିବା ନିମନ୍ତେ ଚେଷ୍ଟା କରିବେ, କିନ୍ତୁ ପାରିବେ ନାହିଁ । ଗୃହକର୍ତ୍ତା ଉଠି ଦ୍ୱାର ବନ୍ଦ କଲା ଉତ୍ତାରେ ଯେତେବେଳେ ତୁମ୍ଭେମାନେ ବାହାରେ ଠିଆ ହୋଇ ରହିବ ଓ ହେ ପ୍ରଭୁ, ଆମ୍ଭମାନଙ୍କ ନିମନ୍ତେ ଦ୍ୱାର ଫିଟାଅନ୍ତୁ, ଏହା କହି ଦ୍ୱାରରେ ମାରିବାକୁ ଲାଗିବ, ସେତେବେଳେ ସେ ତୁମ୍ଭମାନଙ୍କୁ ଉତ୍ତର ଦେବେ, ତୁମ୍ଭେମାନେ କେଉଁ ସ୍ଥାନର ଲୋକ, ତାହା ମୁଁ ଜାଣେ ନାହିଁ ।'' (ଲୂକ ୧୩:୨୪-୨୫) । ପ୍ରିୟ ବନ୍ଧୁ, ସମୟ ଓ ସୁଯୋଗ ଥାଉ ପରମେଶ୍ୱରଙ୍କ ଅନ୍ୱେଷଣ କର ।

## ଉପଯୁକ୍ତ ସ୍ଥାନରେ ତାହାଙ୍କ ଅନ୍ୱେଷଣ କର :

ମୋଶା ଆପଣା ମହାପ୍ରସ୍ଥାନ ପୂର୍ବରୁ ଇଶ୍ରାୟେଲ ଗୋଷ୍ଠୀଙ୍କୁ କହିଲେ, ''ସଦାପ୍ରଭୁ ତୁମ୍ଭମାନଙ୍କ ପରମେଶ୍ୱର ଆପଣା ନାମ ରଖିବା ନିମନ୍ତେ ତୁମ୍ଭମାନଙ୍କ ବଂଶ ମଧ୍ୟରୁ ଯେଉଁ ସ୍ଥାନ ମନୋନୀତ କରିବେ, ତାହାଙ୍କ ସେହି ନିବାସ ସ୍ଥାନ ତୁମ୍ଭେମାନେ ଅନ୍ୱେଷଣ କରିବ ଓ ସେହି ସ୍ଥାନକୁ ତୁମ୍ଭେମାନେ ଯିବ ।'' (ଦ୍ୱି.ବି. ୧୨:୫) ପରମେଶ୍ୱର ତାହାଙ୍କ ନାମ ଯେଉଁ ସ୍ଥାନରେ ରଖିଥିଲେ, ସେହି ସ୍ଥାନରେ ଇଶ୍ରାୟେଲୀୟ ମାନେ ତାହାଙ୍କର ଅନ୍ୱେଷଣ କରିବା ନିମନ୍ତେ ଆଜ୍ଞାପିତ ହୋଇଥିଲେ । ମୂର୍ତ୍ତିପୂଜା ହେଉଥିବା ମନ୍ଦିରମାନଙ୍କରେ ପରମେଶ୍ୱରଙ୍କ ଅନ୍ୱେଷଣ କରିବା ବୃଥା କାରଣ ସେହି ସ୍ଥାନଗୁଡ଼ିକରେ ପରମେଶ୍ୱର ଆପଣା ନାମ ରଖି ନାହାନ୍ତି । ବ୍ୟବସ୍ଥା ଦେବା ସମୟରେ ପିତା ପରମେଶ୍ୱର ଇଶ୍ରାୟେଲକୁ ପ୍ରତିଜ୍ଞା କରି କହିଥିଲେ,

"........ଆମ୍ଭେ ଯେଉଁ ପ୍ରତ୍ୟେକ ସ୍ଥାନରେ ଆପଣା ନାମ ସ୍ମରଣ କରାଇବା, ସେହି ପ୍ରତ୍ୟେକ ସ୍ଥାନରେ ଆମ୍ଭେ ତୁମ୍ଭ ନିକଟକୁ ଆସି ତୁମ୍ଭକୁ ଆଶୀର୍ବାଦ କରିବା ।" (ଯାତ୍ରା ୨୦:୨୪) ଏହି ଅନୁଗ୍ରହ ଯୁଗରେ ମଧ୍ୟ ପରମେଶ୍ୱରଙ୍କ ଏହି ପ୍ରତିଜ୍ଞା ଆମ୍ଭମାନଙ୍କୁ ବର୍ତ୍ତାଏ । କାରଣ ବାକ୍ୟ କହେ, "ଆମ୍ଭମାନଙ୍କ ଈଶ୍ୱର ଓ ପିତା ଧନ୍ୟ ହୁଅନ୍ତୁ, ସେ ଖ୍ରୀଷ୍ଟଙ୍କ ଠାରେ ଆମ୍ଭମାନଙ୍କୁ ସମସ୍ତ ଆତ୍ମିକ ଆଶୀର୍ବାଦ ଦ୍ୱାରା ସ୍ୱର୍ଗରେ ଆଶୀର୍ବାଦ କରିଅଛନ୍ତି ।" (ଏଫିସୀ ୧:୩) । ତାହାଙ୍କ ଆଶୀଷ ସ୍ଥଳରେ ତାହାଙ୍କ ଦତ୍ତ ପରିତ୍ରାଣ ଅନ୍ତର୍ଭୁକ୍ତ ଅଟେ ।

ଅନେକ ସ୍ଥାନରୁ ମନୁଷ୍ୟମାନେ ଆତ୍ମିକ ଆଶୀଷ ଅନ୍ୱେଷଣ କରନ୍ତି, କିନ୍ତୁ ପ୍ରାପ୍ତ ହୁଅନ୍ତି ନାହିଁ । କାରଣ ସମସ୍ତ ଆତ୍ମିକ ଆଶୀଷ ଖ୍ରୀଷ୍ଟଯୀଶୁଙ୍କ ଠାରେ ସଞ୍ଚିତ ହୋଇଅଛି । ତାହାଙ୍କ ବ୍ୟତୀତ ଅନ୍ୟ କୌଣସିଠାରେ ଆତ୍ମିକ ଆଶୀଷ ପାଇନପାରୁ । "ଏଣୁ ଯଦି କେହି ଖ୍ରୀଷ୍ଟଙ୍କ ଠାରେ ଅଛି, ତେବେ ସେ ନୂତନ ସୃଷ୍ଟି ହୋଇଅଛି, ପୁରାତନ ବିଷୟସବୁ ଲୋପ ପାଇଅଛି, ଦେଖ, ନୂତନ ବିଷୟସବୁ ଲୋପ ପାଇଅଛି, ଦେଖ, ନୂତନ ବିଷୟସବୁ ହୋଇଅଛି ।" (୨ କରିନ୍ଥୀ ୫:୧୭) ତେବେ ପ୍ରଶ୍ନ ଉଠେ, ଆମ୍ଭେମାନେ କିପରି ଖ୍ରୀଷ୍ଟଙ୍କ ଠାରେ ପ୍ରବେଶ କରି ପାରିବା ? ବାକ୍ୟ କହେ, "କାରଣ ତୁମ୍ଭେମାନେ ସମସ୍ତେ ଯୀଶୁଖ୍ରୀଷ୍ଟଙ୍କ ଠାରେ ବିଶ୍ୱାସ ଦ୍ୱାରା ଈଶ୍ୱରଙ୍କର ସନ୍ତାନ ହୋଇଅଛ ଯେଣୁ ତୁମ୍ଭେମାନେ ଯେତେଲୋକ ଖ୍ରୀଷ୍ଟଙ୍କ ଉଦ୍ଦେଶ୍ୟରେ ବାପ୍ତିଜିତ ହୋଇଅଛ, ତୁମ୍ଭେମାନେ ସମସ୍ତେ ଖ୍ରୀଷ୍ଟଙ୍କୁ ପରିଧାନ କରିଅଛ ।" (ଗାଲାତୀ ୩:୨୬-୨୭) । ଏହାଦ୍ୱାରା ଖ୍ରୀଷ୍ଟଙ୍କ ସହିତ ଆମ୍ଭମାନଙ୍କ ଏକ ନୂତନ ସଂପର୍କ ସ୍ଥାପିତ ହୁଏ । "ଆମ୍ଭେମାନେ ବାପ୍ତିସ୍ମ ଦ୍ୱାରା ମରଣରେ ତାହାଙ୍କ ଦ୍ୱାରା ସାଧିପ୍ରାପ୍ତ ହୋଇଅଛୁ । ଯେପରି ଖ୍ରୀଷ୍ଟ ପିତାଙ୍କ ଗୌରବ ଦ୍ୱାରା ମୃତମାନଙ୍କ ମଧ୍ୟରୁ ଯେଉଁ ପ୍ରକାର ଉତ୍ଥାପିତ ହେଲେ, ଆମ୍ଭେମାନେ ମଧ୍ୟ ସେହି ପ୍ରକାରେ ଜୀବନର ନୂତନ ଭାବରେ ଆଚରଣ କରୁ ।" (ରୋମୀୟ ୬:୪) । ବାପ୍ତିଜିତ ହୋଇଥିବା ଏହି ନୂତନ ବ୍ୟକ୍ତି ପରମେଶ୍ୱରଙ୍କ ଠାରେ ଓ 'ଖ୍ରୀଷ୍ଟଙ୍କ ଠାରେ' ରହିବାର ସୁଯୋଗ ପାଇଥାଏ । ସେ ମାଗିଲେ ପାଇବ, ଖୋଜିଲେ ସନ୍ଧାନ ପାଇବ ଓ ଦ୍ୱାରରେ ଆଘାତ କଲେ ତାହା ନିମନ୍ତେ ଦ୍ୱାର ଫିଟାଇ ଦିଆଯିବ । ପ୍ରିୟ ବନ୍ଧୁ, ପରମେଶ୍ୱରଙ୍କ ଆଜ୍ଞା ପାଳନ କରିବାରେ ବିଳମ୍ବ ନ କରନ୍ତୁ ! (ଲୂକ ୧୩:୨୩) । ପରମେଶ୍ୱର ବର୍ତ୍ତମାନ ଆପଣଙ୍କୁ ତାହାଙ୍କ ନିକଟକୁ ଫେରି ଆସିବା ନିମନ୍ତେ ଆହ୍ୱାନ ଜଣାଉ ଅଛନ୍ତି । "ଆଜି ଯଦି ତୁମ୍ଭେମାନେ ତାହାଙ୍କ ବାଣୀ ଶୁଣ, ଯେପରି ବିରକ୍ତି ଜନ୍ମାଇବା ସ୍ଥାନରେ ଘଟିଥିଲା, ସେପରି ଆପଣା ଆପଣା ହୃଦୟ କଠିନ ନ କର ।" (ଏବ୍ରୀ ୩:୧୫)

**- Dillard Thurman**

## CHRISTIAN FELLOWSHIP

Acts 2 : 42 ; 1 John 1 : 7

### INTRODUCTION :

1. Fellowship means friendship, acceptance, approval, sharing, helping, being of like faith, etc. Also brother--hood and participation. One we can support, unity of believers.
2. We sing the song, "Bless be the tie that binds." we are of like faith and therefore we are one in Christ and love to be together and work together.
3. The early Christians enjoyed this kind of fellowship.
4. Who can we fellowship?

### DISCUSSION :

I. Christians are to have fellowship.

1. With Christ. (phil. 3 : 10 : 1 Cor. 1 : 9 ; John 1 :6).
2. With God. (1 John 1 : 3).
3. With the Spirit. (Phil. 2 : 1).
4. With other Christians . (1 John 1 : 7).
5. In attending the assemblies. (Acts 2 : 42 ; Hebrews 10 : 25).
6. In preaching the gospel. (Phil. 1 : 5).
7. In ministering to the saints. (2 Cor. 8 : 4).
8. In every good work. (Acts 2 : 42).

**II Those we Cannot Fellowship.**

1. Not to have fellowship with those waho offered sacrifices to the Devil. (1 Cor. 10 : 20).
2. Not to have fellowship with unbelievers. (2 Cor. 6 : 14).
3. Not to have fellowship with unfruitful works of darkness (Eph. 5 : 11).
4. Not to fellowship false teachers. (2 John 10, 11).

5. Not to fellowship false worship. (Matthew 15 : 19; Acts 17).
6. Not to give our money to support error.
7. Not to fellowship the unfaithful Christian.

## II. The Unfaithful are to be Disfellowshipped.

1. The Lord has commanded that unfaithful Christians should be disciplined.
2. Paul discussed the importance of disfellowshipping in 1Cor. 5.

## CONCLUSION :

1. Fellowship with God's people can be powerful.
2. To extend our fellowship to those in error would only weaken us, therefore we cannot do it.

From:
SATYA VANI
P.O. BOX 80,
KAKINADA - 533 001

Printed Book Only

To

(FOR PRIVATE CIRCULATION ONLY)